## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

## ଦୁର୍ଗାପୂଜା ପେଣ୍ଡାଲରେ କାଜୋଲ ଏବଂ ରାଣୀ



ସାରା ଦେଶ ପାଳନ କରୁଛି ନବରାତ୍ରି । ବଲିଉଡ୍ ଅଭିନେତ୍ରୀ କାଜୋଲ ଏବଂ ରାଣୀ ମୁଖାର୍ଜୀଙ୍କ ପରିବାର ମୁମ୍ବାଇରେ ଥିବାଦୁର୍ଗା ମଣ୍ଡପକୁ ବୁଲିବାକୁ ଯାଇଥିଲେ । ଉଭୟ ଅଭିନେତ୍ରୀ ପାରମ୍ପରିକ ପୋଷାକ ପିନ୍ଧିଥିଲେ । ଏହି ବର୍ଷର ଦୁର୍ଗା ପୂଜା ମୁଖାର୍ଜୀ ପରିବାର ପାଇଁ ଭାବପ୍ରବଣ ରହିଥିଲା, କାଜୋଲଙ୍କ ପ୍ରିୟ ଦାଦା, ଦେବ ମୁଖାର୍ଜୀ, ଆଉ ଦୁନିଆଁରେ ନାହାନ୍ତି । ଏହି ପୂଜା ସମୟରେ ତାଙ୍କୁ ମନେପକାଇ କାଜୋଲ ଏବଂ ରାଣୀ ଭାବପ୍ରବଣ ହେବ ସହ ସେମାନଙ୍କ ଆଖି ଛଳଛଳ ହୋଇଥିବା ଦେଖିବାକୁ ମିଳିଥିଲା ।ରାଣୀ ମୁଖାର୍ଜୀ ଏବଂ କାଜୋଲ ଦେବୀ ଦୁର୍ଗାଙ୍କୁ ମଣ୍ଡପରେ ସାଙ୍ଗରେ ରହି ମା ଦୁର୍ଗାଙ୍କୁ ସ୍ୱାଗତ କରିଥିଲେ । ଦୁଇ ଲୋକପ୍ରିୟ ଅଭିନେତ୍ରୀ ମା ଦୁର୍ଗାଙ୍କ ଉପରେ ଫୁଲ ବର୍ଷା କରିଥିଲେ । ଯାହାର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ପୂଜା ସମୟରେ ରାଣୀ ଧଳା ଶାଢ଼ୀ ପିନ୍ଧିଥିଲେ, କାଜୋଲ ଗୋଲଡେନ ଶାଢ଼ୀରେ ଖୁବ ସୁନ୍ଦର ଦେଖାଯାଉଥିଲେ । ତେବେ ସେମାନଙ୍କର ଲୁକ୍ କୁ ନେଇ ଚର୍ଚ୍ଚାର ବିଷୟ ହୋଇଛି ।ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କାଜୋଲ, ରାଣୀ ଏବଂ ତନିଶା ସେମାନଙ୍କ କାକା ଦେବ ମୁଖାର୍ଜୀଙ୍କୁ ମନେ ପକାଇ ଭାବପ୍ରବଣ ହେଉଥିବାର ଦେଖାଯାଉଛି । ୩ ଜଣଙ୍କୁ ଦେଖି ସେମାନଙ୍କ ସମ୍ପର୍କୀୟ ଭାଇ ଏବଂ ଫିଲ୍ମ ନିର୍ମାତା ଆୟନ ମୁଖାର୍ଜୀ ମଧ୍ୟ ଭାବପ୍ରବଣ ହୋଇଯାଆନ୍ତି । ଭାଇଭଉଣୀଙ୍କ ଏହି ପ୍ରେମପୂର୍ଣ୍ଣ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।ଦୁର୍ଗା ପୂଜାରେ ଅଭିନେତ୍ରୀ ଶରବାଣୀ ମୁଖାର୍ଜୀ ଏବଂ ସୁମୋନା ଚକ୍ରବର୍ତ୍ତୀଙ୍କୁ ଦେଖିବାକୁ ମିଳିଛି । ସେମାନଙ୍କର ଭିଡିଓ ଇନଷ୍ଟାଗ୍ରାମରେ ଭାଇରାଲ ହେଉଛି । ସେମାନେ ରାଣୀ ଏବଂ କାଜୋଲଙ୍କ ସହିତ ଅନେକ ଫଟୋ ଉଠାଇଥିଲେ । ଶରବାଣୀ ଏବଂ ସୁମୋନା ଅଭିନେତ୍ରୀ କାଜୋଲଙ୍କ ସମ୍ପର୍କୀୟ ଭଉଣୀୟ ଶରବାଣୀ ବ୍ଲକବଷ୍ଟର ଫିଲ୍ମ ବର୍ଡରରେ ସୁନୀଲ ଶେଟ୍ଟୀଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଥିଲେ ।

## ବ୍ରହ୍ମକପାଳ ତୀର୍ଥ

ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି ରହିଲା ।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ । ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ। ସେଠାରେ। ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା। ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।




## କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେୟ ତ୍ୱଚ ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ନାହିଁ।

## କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ



ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।

**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ୍ୟ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

ଶୁକ୍ରବାର: ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ୍ୟ ପ୍ରାପ୍ତ ହୋଇଥାଏ।



**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।

## ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ବ୍ୟବସାୟର ପ୍ରବେଶ ଦ୍ୱାର ହେବ ଓଡିଶା ଉପକୂଳ

ଭୁବନେଶ୍ୱର,୨୮।୯ (ମହାଭାରତ): ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶାର ଅଂଶଗ୍ରହଣ ଉପରେ ଏକ ପ୍ରସ୍ତୁତି ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଦ୍ୱାରା ଆହୁତ ହୋଇଥିଲା। ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ସୁବର୍ଣରେଖା ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗ ଓ ଏଜେନ୍ସିର ପ୍ରତିନିଧିମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।



ପ୍ରାରମ୍ଭରେ, ଉଷା ପାଢ଼ୀ ଏକ ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଭାବରେ ଭାରତ ସାମୁଦ୍ରିକ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ରାଜ୍ୟର ସାମୁଦ୍ରିକ ଶକ୍ତି, ନିବେଶ ସମ୍ଭାବନା ଏବଂ ନୀତିଗତ ପଦକ୍ଷେପ ପ୍ରଦର୍ଶନ କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପ୍ରଦାନ କରିଥାଏ। ବିସ୍ତୀର୍ଣ ସମୁଦ୍ର କୂଳ ଏବଂ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ସହିତ ଓଡ଼ିଶା ପୂର୍ବ ଉପକୂଳରେ ବାଣିଜ୍ୟ ଓ ବ୍ୟବସାୟର ପ୍ରବେଶ ଦ୍ୱାର ଭାବରେ ଉଭା ହେବା ପାଇଁ ରଣନୈତିକ ସ୍ଥିତିରେ ରହିଛି ବୋଲି ସେ ଦର୍ଶାଇଥିଲେ। ବୈଠକରେ ପ୍ରସ୍ତୁତି କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା କରାଯାଇଥିଲା, ଯେଉଁଥିରେ ପ୍ରଦର୍ଶନୀ ଏବଂ ବିଷୟବସ୍ତୁ ଅଧିବେଶନରେ ଓଡ଼ିଶାର ଅଂଶଗ୍ରହଣ ଅନ୍ତର୍ଭୁକ୍ତ ଥିଲା। ରାଜ୍ୟର ସାମୁଦ୍ରିକ ପଦକ୍ଷେପ ଏବଂ ଭବିଷ୍ୟତର ନିବେଶ ସୁଯୋଗର ଉପସ୍ଥାପନା, ବନ୍ଦର, ଜାହାଜ ଚଳାଚଳ ଲାଇନ ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଲଜିଷ୍ଟିକ୍ସ ଏବଂ ସମନ୍ୱୟ ଉପରେ ଆଲୋଚନା କରଯାଇଥିଲା। ବନ୍ଦର ଭିତ୍ତିକ ଅଭିବୃଦ୍ଧି ଉପରେ ଆଲୋକପାତ କରୁଥିବା କ୍ଷେତ୍ରୀୟ ରିପୋର୍ଟ ଏବଂ ଯୋଗାଯୋଗ ସାମଗ୍ରୀ ପ୍ରସ୍ତୁତି ସହିତ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାକୁ ଥିବା ପ୍ରମୁଖ ଭିତ୍ତିଭୂମି ଏବଂ ନୀତିଗତ ସଫଳତାର ଚିହ୍ନଟ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ବନ୍ଦର ଓ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଉଷା ପାଢୀ ଭିତ୍ତିଭୂମି ପ୍ରସ୍ତୁତି, ଅଂଶୀଦାରଙ୍କ ଅଂଶଗ୍ରହଣ ଏବଂ ନିବେଶକ ତଥା ଶିଳ୍ପ ନେତୃବର୍ଗଙ୍କ ନିକଟରେ ପହଞ୍ଚିବା ପାଇଁ ସ୍ପଷ୍ଟ ସମୟସୀମା ସହିତ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ କେବଳ ଓଡ଼ିଶାର ବର୍ତ୍ତମାନର ବନ୍ଦର ଭିତ୍ତିଭୂମି ଉପରେ ଆଲୋକପାତ କରିବ ନାହିଁ ବରଂ ରାଜ୍ୟକୁ ଜାହାଜ ନିର୍ମାଣ, ଉପକୂଳୀୟ ଜାହାଜ ଚଳାଚଳ, ଆଭ୍ୟନ୍ତରୀଣ ଜଳପଥ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପାଇଁ ଏକ ହବ୍ ଭାବରେ ସ୍ଥାନିତ କରିବ।

# ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୮।୯ (ମହାଭାରତ): ଦୁର୍ଗାପୂଜା ପାଇଁ ଟ୍ୱିନସିଟିରେ ଆଜିଠୁ ଲାଗୁ ହୋଇଛି ଟ୍ରାଫିକ୍ କଟକଣା। ୨୭ ତାରିଖଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି ରହିବ। ଅପରାହ୍ନ ୨ରୁ ରାତି ୨ଟା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା କରିଛି କମିସନରେଟ ପୋଲିସ। ପୂଜାରେ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ କଟକଣା ଜାରି କରିଛି କମିସନରେଟ ପୋଲିସ। ପୂଜାବେଳେ କଟକର ହାୱଡ଼ାମୋଟର ଛକ ଠାରୁ କୌଣସି ଯାନବାହାନ ସିଧା ମଙ୍ଗଳାବାଗ୍ ଛକଆଡକୁ ଯାଇପାରିବେ ନାହିଁ। ଏହି ଗାଡ଼ିଗୁଡିକ ହାୱଡ଼ାମୋଟର ଛକଠାରୁ ମାତାମଠ ଛକ ଦେଇ ମହାନଦୀ ରିଂ ବନ୍ଧରେ ଆସି ୱାଚ୍ ଟାୱାର ଛକ ଦେଇ ଯାଇ ପାରିବେ। କୌଣସି ଯାନବାହନକୁ ବି.କେ. ରୋଡରୁ ରାଣୀହାଟ ଛକକୁ ସିଧାସଳଖ ଯିବାକୁ ଅନୁମତି ଦିଆଯିବ ନାହିଁ। ଏହି ଯାନଗୁଡ଼ିକ ବଜ୍ରକବାଟି ରୋଡ୍ ଛକରେ ବାମ ମୋଡ଼ ନେଇ ଗହ୍ମାଡିହା, କବରସ୍ତାନ, କେଶରପୁର ରୋଡ୍ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବେ। ପୂର୍ଣ୍ଣ ସାହୁ ଛକଠାରୁ ଯାଉଁଳିଆ ପଟି, କେଉଟ ସାହି କିମ୍ବା ନନ୍ଦି ସାହି ଆଡକୁ କୌଣସି ଯାନବାହନ ଯିବାକୁ ଅନୁମତି ଦିଆଯିବ ନାହିଁ। ମ୍ୟୁନିସିପାଲିଟି ଅଫିସ୍ ଏବଂ ଗୋପାଳଜୀଉ ଗଳି ଦେଇ ଝୋଲା ସାହି ଏବଂ ବଙ୍ଗାଳି ସାହି ଦେଇ ଯାନବାହାନ ଯାଇପାରିବ। ପୂଜା ଦିନମାନଙ୍କରେ ସହର ମଧ୍ୟ ଦେଇ କୌଣସି ପ୍ରକାରର ବସ୍ ଚଳାଚଳ କରିପାରିବ ନାହିଁ। ଗାଡ଼ିଗୁଡ଼ିକ ଲିଙ୍କ୍ ରୋଡ ଦେଇ ବାଦାମବାଡ଼ି କିମ୍ବା ସିଏନସିଟି ବସଷ୍ଟାଣ୍ଡକୁ ଯାଇପାରିବେ।

# ୩ଦିନରେ ୩୪୯୪ ଇ-ଚାଲାଣ

ଭୁବନେଶ୍ୱର,୨୮।୯ (ମହାଭାରତ): ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଏନଫୋର୍ସମେ ଜାରି ରହିଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟରଯାନର ୭ଟି ନିୟମ ଉଲ୍ଲଘଂନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଙ୍ଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି।

ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି ଓ ଜରିମାନା ଆଦାୟ କରାଯାଇଛି।



୩ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଟି ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ୫୪ ଲକ୍ଷ ୮୨ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଙ୍ଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କରି ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ୮୦ଟି ଇ-ଚାଲାଣ, କଟକ ଆରଟିଓଙ୍କ ଦ୍ୱାରା ୫୮, ନୟାଗଡ଼ରେ ୫୨, ନବରଙ୍ଗପୁର ଓ କୋରାପୁଟରେ ୫୧ ଲେଖାଏ ଇ-ଚାଲାଣ ଜାରି ହୋଇଛି।

# ଡିଏସ୍‌ପି ପ୍ରଚଳନ କଲା ଫ୍ଲେକ୍ସି କ୍ୟାପ୍ ଇଟିଏଫ୍- ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ୍ କ୍ୱାଲିଟି ୩୦ ଇଟିଏଫ୍

ଭୁବନେଶ୍ୱର,୨୮।୯ (ମହାଭାରତ): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଭାରତର ପ୍ରଥମ ଫ୍ଲେକ୍ସି କ୍ୟାପ୍ ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ୍ (ଇଟିଏଫ୍) ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଟିଏଫ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଇଟିଏଫ୍ ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଟିଆରଆଇର ଟିକିନିଖି ତଥ୍ୟ ରଖୁଛି, ଯାହା ସମସ୍ତ ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ କମ୍ପାନୀଗୁଡିକରେ ଗତିଶୀଳ ଭାବରେ ନିବେଶ କରିବା ସହିତ କେବଳ ଗୁଣାତ୍ମକ ବ୍ୟବସାୟ ସଂସ୍ଥା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏକ ଅନନ୍ୟ ବେଞ୍ଚମାର୍କ ହୋଇଛି।

ଭାରତୀୟ ଇକ୍ୱିଟି ବଜାର ଅନେକ ସମୟରେ ଚକ୍ରାକାରରେ ଗତି କରିଥାଏ, ଯେଉଁଥିରେ ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକ ପାଳି ଅନୁସାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥାନ୍ତି। ଅଧିକାଂଶ ନିବେଶକଙ୍କ ନିମନ୍ତେ କେଉଁଠାରେ ପୁଞ୍ଜିନିବେଶ କରାଯିବ, କେତେ ପରିମାଣର ଅର୍ଥ ବିନିଯୋଗ କରାଯିବ ଏବଂ କେଉଁ ସମୟରେ ପରିବର୍ତ୍ତନ କରିବାକୁ ହେବ ତାହା ଉଭୟ କଷ୍ଟକର ଏବଂ ବ୍ୟୟସାପେକ୍ଷ ହୋଇପଡେ। ଏହି ଇଟିଏଫ୍ ସେହି ଜଟିଳତାକୁ ଦୂର କରୁଛି।

୨୦୦୯ ଅକ୍ଟୋବରରେ ଆରମ୍ଭ ହେବା ଦିନଠାରୁ ନିଫ୍‌ଟି ୫୦୦ ଫ୍ଲେକ୍ସି କ୍ୟାପ୍ କ୍ୱାଲିଟି ୩୦ ଇଣ୍ଡେକ୍ସ ୧୭.୬% ସିଏଜିଆର୍ ପ୍ରଦାନ କରିଛି, ଯାହା ସମୁଦାୟ ବଜାର ଚକ୍ରରେ ନିଫ୍‌ଟି ୫୦୦ ଟିଆରଆଇକୁ ପଛରେ ପକାଇ ଦେଇଛି। ଗୁଣାତ୍ମକ ଦିଗ ଉପରେ ଦୃଷ୍ଟିନିବଦ୍ଧ ସହିତ ଗତିଶୀଳ ପୁଞ୍ଜିନିବେଶର ସମ୍ମିଶ୍ରଣ ଏବଂ କେନ୍ଦ୍ରୀଭୂତ ୩୦-ଷ୍ଟକ ପୋର୍ଟଫୋଲିଓରୁ ଏହାର ସାମର୍ଥ୍ୟ ସୃଷ୍ଟି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ଏହା ମଧ୍ୟ ୨୦୧୧ ଓ ୨୦୧୮ରେ ବ୍ରଡର୍ ମାର୍କେଟରୁ କମ୍ ହେବା ଏବଂ ୨୦୨୦ କୋଭିଡ ଜନିତ ଖରାପ ଅବସ୍ଥାରେ କ୍ଷତି ପରିମାଣ ସୀମିତ ରଖିବା ଭଳି ଷ୍ଟକ ବଜାର ନିମ୍ନଗାମୀ ସ୍ଥିତିରେ ଏହା ନିବେଶକଙ୍କୁ ଆଶ୍ୱସ୍ତି ପ୍ରଦାନ କରୁଛି ଏବଂ ତାହାସହିତ ପରବର୍ତ୍ତୀ ସମୟରେ ପୁନରୁଦ୍ଧାର ଧାରାକୁ ଧରି ରଖୁଛି।

# ଏକାତ୍ମ ମାନବବାଦର ପ୍ରବର୍ତ୍ତକ ଦୀନଦୟାଲ

ଭୁବନେଶ୍ୱର,୨୮।୯ (ମହାଭାରତ): ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ରାଷ୍ଟ୍ରପ୍ରେମରେ ଜୀବନକୁ ଉତ୍ସର୍ଗ କରି ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ଏକାତ୍ମ ମାନବବାଦର ପ୍ରବର୍ତ୍ତକ ଭାବେ ଦୀନଦୟାଲ ସମାଜ, ପ୍ରକୃତି ଓ ବ୍ୟକ୍ତିକୁ ଏକାତ୍ମଭାବେ ଦେଖି ସମତାପୂର୍ଣ୍ଣ ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ। ଏହା ପୁଞ୍ଜିବାଦ କିମ୍ବା ସାମ୍ୟବାଦ ନୁହେଁ ବରଂ ସ୍ୱଦେଶୀ ଓ ଭାରତୀୟ ମୂଲ୍ୟବୋଧଭିତ୍ତିକ ମାର୍ଗ ବୋଲି ସେ କହୁଥିଲେ। ତାଙ୍କ ତତ୍ତ୍ୱର ଲକ୍ଷ୍ୟ ଥିଲା ସବୁଠାରୁ ଅନ୍ତିମ ମଣିଷଙ୍କ ମୌଳିକ ଆବଶ୍ୟକତା ପୂରଣ କରି ସମଗ୍ର ସମାଜର ମଙ୍ଗଳ କାମନା କରିବା।



ଦୀନଦୟାଲ ଉପାଧ୍ୟାୟଙ୍କ ସ୍ୱଦେଶୀ ଚିନ୍ତାଧାରା ଭାରତୀୟ ସଂସ୍କୃତି, ଗ୍ରାମ ଓ କୃଷି ଉନ୍ନତିର ମୁଖ୍ୟ ଆଧାର ଥିଲା। ସେ କହିଥିଲେ ଦେଶର ସମ୍ପଦ, ଶ୍ରମ ଓ ପ୍ରଜ୍ଞାକୁ ସ୍ୱଦେଶୀ ପଥରେ ବ୍ୟବହାର କରିଲେ ଦେଶ ଆତ୍ମନିର୍ଭର ହେବ। ଦୀନଦୟାଲଙ୍କ ସେହି ଭାବନା ଆଜି ଦେଶକୁ ଆତ୍ମନିର୍ଭରତାରୁ ସାମଗ୍ରିକ ବିକାଶ ପଥରେ ଆଗେଇ ନେଇଛି। ଆଜି ଆମେ ଯେଉଁ ସୁଫଳ ପାଉଛେ ତାହାର ସ୍ୱପ୍ନ ଦେଖିଥିଲେ ଦିବ୍ୟଦ୍ରଷ୍ଟା ପଣ୍ଡିତ ଦୀନଦୟାଲ। ତାଙ୍କର ଦୃଢ଼ ପରିଶ୍ରମ ଓ ନେତୃତ୍ୱରେ ଗିଢ଼ିଥିବା ଭାରତୀୟ ଜନସଂଘ ଆଜି ବିକଶିତ ହୋଇ ବିଶାଳ ଗଣତାନ୍ତ୍ରିକ ଦଳର ରୂପେ ପରିଣତ ହୋଇଛି।

ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂହ କହିଲେ ଯେ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବବାଦ ହେଉଛି ଏକ ଭାରତୀୟ ଚିନ୍ତାଧାରା, ଯେଉଁଥିରେ ମାନବ, ସମାଜ ଓ ପ୍ରକୃତିକୁ ଏକାତ୍ମଭାବେ ଦେଖାଯାଏ। ଦୀନଦୟାଲ ଉପାଧ୍ୟାୟଙ୍କ ଚିନ୍ତାଧାରାରେ ଅନ୍ତ୍ୟୋଦୟ ଏକ ମୁଖ୍ୟ ସିଦ୍ଧାନ୍ତ। ସମାଜରେ ଯେଉଁମାନେ ସବୁଠୁ ତଳସ୍ତରରେ ଅଛନ୍ତି, ଯେମାନଙ୍କ ପାଖରେ ଖାଦ୍ୟ, ପୋଷାକ, ଶିକ୍ଷା, ଚିକିତ୍ସା, ଆଶ୍ରୟ ପରି ମୌଳିକ ସୁବିଧା ନାହିଁ ସେମାନଙ୍କୁ ସର୍ବପ୍ରଥମେ ସହାୟତା ମିଳିବା ଦରକାର। ତାଙ୍କ ଭାବନାରେ, ସର୍ବୋ ମ ନୀତି ହେଉଛି ସର୍ବନିମ୍ନ ବ୍ୟକ୍ତିଙ୍କ ପାଖରେ ସର୍ବପ୍ରଥମେ ସୁବିଧା ପହଞ୍ଚିବା।

ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେବା ଅବସରରର କହିଲେ ଯେ ଦୀନଦୟାଲ ଜଣେ ଗଭୀର ଏବଂ ମୌଳିକ ଚିନ୍ତାନାୟକ ଥିଲେ। ତାଙ୍କର ଅଖଣ୍ଡ ମାନବବାଦ ଦର୍ଶନ, ତାଙ୍କ ଜୀବନର ଦୃଷ୍ଟିକୋଣରେ ସ୍ୱାମୀ ବିବେକାନନ୍ଦ ଏବଂ ମହାତ୍ମା ଗାନ୍ଧୀଙ୍କର ଦୃଷ୍ଟିକୋଣ ସହ ସମନ୍ୱୟ ରହିଥିଲା। ଦୀନଦୟାଲଙ୍କ ଚିନ୍ତାଧାରା ଭାରତୀୟ ଜୀବନଦର୍ଶନର ସାରତତ୍ତ୍ୱକୁ ପ୍ରକାଶ କରିଥାଏ। ତାଙ୍କର ଦର୍ଶନ ଆଜି ବି ଦେଶକୁ ନୂତନ ପ୍ରେରଣା ଓ ପଥ ପ୍ରଦର୍ଶନ କରୁଛି।

ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଔଷଧୀୟ ଉଦ୍ଭିଦ ବୋର୍ଡ ବୈଠକ

ଭୁବନେଶ୍ୱର,୨୮।୯ (ମହାଭାରତ): ରାଜ୍ୟରେ ଔଷଧୀୟ ଉଦ୍ଭିଦର ସୁରକ୍ଷା, ଚାଷ, ପ୍ରଚାର ଓ ବାଣିଜ୍ୟୀକରଣକୁ ଉନ୍ନତ କରିବାରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଲୋକସେବା ଭବନସ୍ଥ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧକ୍ଷତା କରି କହିଲେ ଯେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଓଡ଼ିଶାର ସମୃଦ୍ଧ ଔଷଧୀୟ ପାରମ୍ପରିକତାକୁ ସୁରକ୍ଷା କରିବା ସହିତ ଏହାକୁ ଗ୍ରାମୀଣ ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ସହଭାଗୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। କୃଷକମାନଙ୍କୁ ପ୍ରଶିକ୍ଷଣ ଦେଇ ଔଷଧୀୟ ଉଦ୍ଭିଦ ଚାଷକୁ ବ୍ୟାପକ କରିବା ଏବଂ ଔଷଧୀୟ ଉଦ୍ଭିଦର ସଂରକ୍ଷଣ କରିବା ସହିତ ପ୍ରାକୃତିକ ବିଭିନ୍ନତାରେ ଔଷଧୀୟ ପ୍ରଜାତିଗୁଡ଼ିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ କ୍ଷ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସୂଚନା ଦେଇଥିଲେ ଯେ ପାଇଲଟ ଭାବେ ପ୍ରଥମ ବର୍ଷର ପାଣ୍ଠି ଓଡ଼ିଶା ବନାଂଚଳ ଉନ୍ନୟନ ବିକାଶ ସମିତି ମାଧ୍ୟମରେ କରାଯିବ। ଦ୍ୱିତୀୟ ବର୍ଷ ଠାରୁ ଏହି କାର୍ଯ୍ୟକ୍ରମକୁ ଆୟୁଷ, ପଂଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ସମ୍ପ୍ରସାରିତ କରାଯିବ। ସେ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ବୈଷୟିକ ସହଯୋଗକୁ ମଜବୁତ କରିବା ପାଇଁ ନଭେମ୍ବର ୨୦୨୫ ପ୍ରଥମ ସପ୍ତାହରେ ଏଫଆରଏଲଏଚଟି (ବେଙ୍ଗାଲୁରୁ), ଆଇଆରଏମଏ (ଆନନ୍ଦ) ଏବଂ ଏମଏସଏସଆରଏଫ (ଚେନ୍ନାଇ) ସହିତ ଏମଓୟୁ ସ୍ୱାକ୍ଷରିତ ହେବ। ଏହି ପଦକ୍ଷେପ ଅଧୀନରେ ବିକଶିତ ଉତ୍ପାଦଗୁଡିକ ରାଜ୍ୟର ନୂତନ ହର୍ବାଲ୍ ବ୍ରାଣ୍ଡ 'କଳିଙ୍ଗ ହର୍ବସ୍' ବ୍ରାଣ୍ଡ ନାମରେ ବିପଣନ କରାଯିବ। ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ, ଆରପିଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଆରପିଆରସି, ଭୁବନେଶ୍ୱରରେ ଏସଏମପିବି ଉତ୍ପାଦ ପାଇଁ ଏକ ଉତ୍ସର୍ଗୀକୃତ ବିପଣନ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।



# ବୁଲା ଗୋରୁଙ୍କୁ ସ୍ଥାନାନ୍ତରଣ କଲା ବିଏମସି

ଭୁବନେଶ୍ୱର,୨୮।୯ (ମହାଭାରତ): ଦୁର୍ଗାପୂଜା ପୂର୍ବରୁ ସହର ଉପକଣ୍ଠରେ ଥିବା ଏକ ଗୋଶାଳାକୁ ପ୍ରାୟ ୨୦୦ଗୋରୁଙ୍କୁ ସ୍ଥାନାନ୍ତରଣ କରାଯାଇଛି। ଯାହାଫଳରେ ପର୍ବ ସମୟରେ ଲୋକେ ରାସ୍ତାରେ ବୁଲୁଥିବା ଗୋରୁଙ୍କ ଦ୍ୱାରା ଆଉ ଅସୁବିଧାରେ ପଡ଼ିବେ ନାହିଁ ଏବଂ ଟ୍ରାଫିକ ସମସ୍ୟା ହେବ ନାହିଁ। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି), ପ୍ରାଣୀ କଲ୍ୟାଣ ଶାଖା ପକ୍ଷରୁ ଦୁର୍ଗାପୂଜା ସମୟରେ ଦୁର୍ଘଟଣା ରୋକିବା ପାଇଁ ବୁଲା ଗୋରୁଙ୍କୁ ସ୍ଥାନାନ୍ତରଣ କରାଯାଉଛି। ୨୦୦ ଗୋରୁଙ୍କୁ ସ୍ଥାନାନ୍ତର କରାଯିବା ସହିତ, ଗୌଡ଼ା କାଶୀପୁରର ଗୋଶାଳାର କ୍ଷମତା ୭୦୦ ଥିବା ବେଳେ ସଂଖ୍ୟା ୫୯୭କୁ ବୃଦ୍ଧି ପାଇଛି। ଜାମୁକୋଳିର ଗୋଶାଳାରେ ୫୫୦ଟି ବୁଲା ଗୋରୁ ଅଛନ୍ତି। ଦୁର୍ଗା ପୂଜା ଶେଷ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ, ବିଏମସିର ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏବିସି)ର ଦାୟିତ୍ୱରେ ଥିବା ନିଯୁକ୍ତ ପ୍ରାଣୀ ଚିକିତ୍ସକ ଡକ୍ଟର ଦେବୀ ପ୍ରସାଦ କୁଣ୍ଡ କହିଛନ୍ତି। ସେ କହିଛନ୍ତି ଯେ ସ୍ଥାନାନ୍ତରିତ ଗୋରୁମାନଙ୍କର ପ୍ରୋଟୋକଲ ଅନୁଯାୟୀ ସେମାନଙ୍କର ଯତ୍ନ ନିଆଯିବ। ରାଜଧାନୀ ସହରର ମୁଖ୍ୟ ରାସ୍ତାର ମଝିରେ ଗୋରୁମାନେ ପ୍ରାୟତଃ ଶୋଇ ରହିଥିବା ଦେଖିବାକୁ ମିଳିଥାନ୍ତି। ଲୋକମାନେ ସେମାନଙ୍କ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଘଉଡ଼ାଇବାକୁ ଚେଷ୍ଟା ନ କରିବା ପର୍ଯ୍ୟନ୍ତ ସେମାନେ ସେଠାରେ ଶୋଇ ରହିଥାନ୍ତି। ଫଳସ୍ୱରୂପ, ଟ୍ରାଫିକ୍ ଜାମ୍ ଏକ ନିୟମିତ ଦୃଶ୍ୟ। ଗୋରୁ ଗାଡ଼ି ଧକ୍କା ଦେବା ଏବଂ ବିପରୀତ ଭାବରେ ଦୁର୍ଘଟଣା ଏକ ନିତିଦିନିଆ। ଘଟଣା। ରାସ୍ତାରେ ବୁଲୁଥିବା ସମୟରେ, ଉପଯୁକ୍ତ ଖାଦ୍ୟର ଅଭାବରେ ବୁଲୁଥିବା ଗୋରୁମାନେ ଅଳିଆ। ଆବର୍ଜନା ସ୍ଥାନରେ ପଡ଼ିଥିବା ଖାଦ୍ୟ ଖାଇବାକୁ ବାଧ ହୋଇଥାନ୍ତି।

# ସାମସଙ୍ଗ ଗାଲାକ୍ସି ଏ୫୬ ୫ଜି ଏବଂ ଏ୩୬ ୫ଜି ରିହାତି ଘୋଷଣା

ଭୁବନେଶ୍ୱର,୨୮।୯ (ମହାଭାରତ): ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଘୋଷଣା କରିଛି ଯେ ଏହା କିଛି ଯୁବ ସୁଲଭ ରଙ୍ଗକୁ ଏହାର ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜିରେ ଯୋଗ କରିଛି, ଯାହାକି ଗ୍ରାହକମାନେ ନୂତନ ଦୃଶ୍ୟମାନତା ସହିତ ଏହି ଆକର୍ଷଣୀୟ ସ୍ମାର୍ଟଫୋନର କ୍ରୟ ଚ଼ଳିତ ପର୍ବାଣୀ ଋତୁରେ କରିପାରିବେ। ଗାଲାକ୍ସି ଏ୫୬ ୫ଜି ବର୍ତମାନ ଆକର୍ଷଣୀୟ ଗୋଲାପି ରଙ୍ଗରେ ତଥା ଗାଲାକ୍ସି ଏ୩୬ ୫ଜି ଆକର୍ଷଣୀୟ ଲାଇନ ରଙ୍ଗରେ ଉପଲବ୍ଧ ହେଉଅଛି ଯାହାକି ଗ୍ରାହକ ମାନଙ୍କୁ ଏହା ଅଧିକ ପସନ୍ଦ ରହିବ। ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜି ସହିତ ସାମସଙ୍ଗର ମୂଳ ଲକ୍ଷ୍ୟ ଏହାର ସବୁଠାରୁ ଅଧିକ ପ୍ରିୟ ଏଆଇ ନବୀନତମକୁ ଫ୍ଲାଗସିପ ସାମଗ୍ରୀ ମଧ୍ୟରେ ଲୋକପ୍ରିୟ କରିବା। ଏକ ସୀମିତ ଅବଧି ପାଇଁ ଗ୍ରାହକ ମାନେ ଯଥାକ୍ରମେ ଜିରୋ ଡ଼ାଉନ ପେମେଂଟ, ଜିରୋ ସୁଧହାର ତଥା ଜିରୋ ବିନା ବାଧାର ମଜ୍ଜା ରହିଥିବା ଏହାର ଗାଲାକ୍ସି ଏ୫୬ ୫ଜି ଏବଂ ଗାଲାକ୍ସି ଏ୩୬ ୫ଜିର ସ୍ମାର୍ଟଫୋନରେ ପାଇବା ସହିତଏହି ୫ଜିର ଅଭିଜ୍ଞତାକୁ ପୂର୍ବଠାରୁ ଅଧିକ ଗ୍ରହଣ କରିପାରିବେ। ଗାଲାକ୍ସିଏ୫୬ ୫ଜି ବର୍ତମାନ ଆକର୍ଷଣୀୟ ଅଲିଭ, ହାଲୁକା ଗ୍ରେ ଏବଂ ଗ୍ରାଫାଇଟରେ ଉପଲବ୍ଧ ହେଉଥିବା ବେଳେ ଗାଲାକ୍ସି ଏ୩୬ ୫ଜି ସମସ୍ତଙ୍କୁ ଚ଼କିତ କଲାଭଳି ଲାଭେଣ୍ଡର, ବ୍ଲାକ ଏବଂ ହ୍ୱାଇଟ ରଙ୍ଗରେ ଉପଲବ୍ଧ ହେଉଅଛି।

# ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୮।୯ (ମହାଭାରତ): ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଜି ୱାର୍ଲଡ ସ୍କିଲ ସେଂଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ଉଦ୍ୟୋଗୀ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଯୁବ ଉଦ୍ୟୋଗୀମାନେ ସେମାନଙ୍କର ସଫଳତା ପ୍ରଦର୍ଶିତ କରିଥିଲେ। ଏହା ସେମାନଙ୍କ ଦକ୍ଷତାକୁ ଉଦ୍ୟୋଗରେ ପରିଣତ କରି ଓଡ଼ିଶାର ସାମାଜିକ ଓ ଆର୍ଥିକ ପ୍ରଗତିରେ ସହଭାଗୀ କରିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ, ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱରେ ଆଜି ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ଉପରେ ଦୃଢ଼ ଗୁରୁତ୍ୱ ଦିଆଯାଉଛି। ଦକ୍ଷତା ବିକାଶ ଆମର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ସକ୍ଷମ କରିବା ସହ ଉଦ୍ୟୋଗୀମାନଙ୍କୁ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ସକ୍ଷମ କରୁଛି। ଏହି ସଶକ୍ତିକରଣ ଏକ ବିକଶିତ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହୋଇପାରିବ। ଏହା ଅଧୀନରେ ୧୦ ହଜାରରୁ ଅଧିକ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯାଇଛି । ତା'ମଧ୍ୟରେ ୭୦ ପ୍ରତିଶତ ମହିଳା ଅଛନ୍ତି। ଉପଯୁକ୍ତ ପରାମର୍ଶ, ସହଜ ଋଣ ସହାୟତା ଏବଂ ଆବଶ୍ୟକ ବଜାରର ସୁବିଧା ଯୋଗୁଁ ଆଜି ଓଡ଼ିଶାରେ ଏକ ହଜାରରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ନାନୋ ୟୁନିକର୍ଣ୍ଣ ଯୋଜନାରେ ଅଧୀନରେ ମନୋନୀତ ହିତାଧିକାରୀ ମାନଙ୍କୁ ୧ ଲକ୍ଷ ଟଙ୍କାର ସିଡ୍ ଫଣ୍ଡିଂ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ।

# ଓଡିଶା ଲୁଟ୍ ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୮।୯ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପ୍ତମ ଓଡିଶା ଗସ୍ତ ପରିପେକ୍ଷୀରେ ଏବଂ ଓଡିଶାର ଖଣିଜ ଦ୍ରବ୍ୟ, ପ୍ରାକୃତିକ ସଂପଦର କେନ୍ଦ୍ର ଖୋଲାଖୋଲି ଲୁଟ କରି କିଭଳି ପ୍ରଚୁର୍ଯ୍ୟରେ ଭରା ଓଡିଶା ରାଜ୍ୟକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି, ସେଇ ବିଷୟକୁ ନେଇ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଏବଂ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଅନେକ ଗୁରୁତର ଅଭିଯୋଗ ଉପସ୍ଥାପନ କରିଥିଲେ ।

ପୂର୍ବତନ ମନ୍ତ୍ରୀ ଶ୍ରୀ ନାୟକ ଅଭିଯୋଗ କରି କହିଥିଲେ, ବିଜେପି ସରକାର କେବଳ ବିଜ୍ଞାପନ ଓ ଭାଷଣର ସରକାର । ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କହିଥିଲେ, କିନ୍ତୁ ସେ ଦିଗରେ ପାହୁଣ୍ଡ ଟିଏ ମଧ୍ୟ କାର୍ଯ୍ୟ ଅଗ୍ରସର ହୋଇନି। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳ ବାସୀଙ୍କ ଏକ ପୁରୁଣା ଦାବୀ ସେଥିପ୍ରତି ମଧ୍ୟ ସରକାର ଉଦାସୀନ । ଏସବୁ ପଶ୍ଚିମ ଓଡିଶା ବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହଁ । ପୁଣି ସେ କହିଛନ୍ତି, ବିଜେଡି ସରକାର ଥିବାବେଳେ ଛତିଶଗଡ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ବିଜେପି ଡବଲ ଇଞ୍ଜିନ ସରକାର ସମାଧାନ କରିପାରିଲା ନାହିଁ । ପୁଣି ଛତିଶଗଡରେ ବିଜେପି ସରକାର ଅଛି, ଡବଲ କଣ ତ୍ରିପଲ ଇଞ୍ଜିନ ଥିବା ସତ୍ତ୍ୱେ ବିବାଦ ସମାଧାନ ହୋଇପାରିଲା ନାହିଁ । ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ; ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ କୋଟି କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି ସାଧାରଣ ଜନତା ପ୍ରଶ୍ନ ପଚାରୁଛନ୍ତି ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଡବଲ ଇଞ୍ଜିନ ସରକାରଙ୍କ ମୁଖିଆ ପ୍ରଧାନମନ୍ତ୍ରୀ ମୋଦୀ କିଭଳି ଓଡିଶାକୁ ମିଛ କହିବା ସହ ଲୁଟ କରୁଛନ୍ତି ସେସବୁର ରହସ୍ୟ ଉଜାଗର କରି ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ କଡା ଶବ୍ଦରେ ଭର୍ତ୍ସନା କରିଛନ୍ତି । ଲୋକସଭା ବିପକ୍ଷ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିର ପର୍ଦାଫାଶ କରିବା ପରେ ସାରା ଦେଶରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ବେଶ କମିଛି। ତେଣୁ ସେପଟେମ୍ବର ୨୩ ରୁ ନିଜ ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଦେଶର ବିଭିନ୍ନ ଅଞ୍ଚଳକୁ ଯାଇ ଗରିବ, ଖଟିଖିଆ ଓ ଶ୍ରମିକଙ୍କ କୋଟି କୋଟି ଟଙ୍କାର ଟ୍ୟାକ୍ସ ପଇସାରେ ସଭା ସମିତି କରୁଛନ୍ତି ।

# ସ୍ଥାପନ ହେବ ୭୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୨୮।୯ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁରୀ ଜିଲ୍ଲାରେ ଭକ୍ତ ମନେଇ ସାହୁ, ଅଟଳ ବିହାରୀ ବାଜପେୟୀ, ଖୋର୍ଦ୍ଧା ଜିଲ୍ଲାରେ ସ୍ୱର୍ଗତ ବିଶ୍ୱନାଥ ଦାସ, କବି ସଚ୍ଚିଦାନନ୍ଦ ରାଉତରାୟ, କବି କୁନ୍ତଳା କୁମାରୀ ସାବତ, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ, ବୀର ସିଡୋ ମୁର୍ମୁ ଓ କାହ୍ନୁ ମୁର୍ମୁ, ରବି ରାୟ, ବିନାୟକ ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ରାଧାନାଥ ରଥ, ଲାଲ ବାହାଦୁର ଶାସ୍ତ୍ରୀ, ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ, ପିଣ୍ଡିକି ବାହୁବଳେନ୍ଦ୍ର, ଧରଣୀଧର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ବାଲେଶ୍ୱର ଜିଲ୍ଲାରେ କବିବର ରାଧାନାଥ ରାୟ, ମୁକୁନ୍ଦ ପ୍ରସାଦ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଧାନାଥ ରାୟ, ଖୁଦିରାମ ବୋଷ, ଜଗତସିଂହପୁର ଜିଲ୍ଲାରେ ଜାତୀୟ କବି ବୀର କିଶୋର ଦାସ, ଶାରଳା ଦାସ, ଅଟଳ ବିହାରୀ ବାଜପେୟୀ, ମହେଶ ଚନ୍ଦ୍ର ସୁବାହୁସିଂହ, ନୟାଗଡ଼ ଜିଲ୍ଲାରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ପଠାଣି ସାମନ୍ତ, କଟକ ଜିଲ୍ଲାରେ ଭୈରବ ମହାନ୍ତି, ସରଳା ଦେବୀ, ରାଣୀ ସୁକଦେବୀ, କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଗଙ୍ଗାଧର ମେହେର, ବରଗଡ଼ ଜିଲ୍ଲାରେ କୁଞ୍ଜ ବିହାରୀ ଦାସ, ଗଙ୍ଗାଧର ମେହେର, ମନହୋର ସିଂହ, ଅନୁଗୋଳ ଜିଲ୍ଲାରେ ବି.ଆର ଆମ୍ବେଦକର, ନବକୃଷ୍ଣ ଚୌଧୁରୀ, ଢେଙ୍କାନାଳ ଜିଲ୍ଲାରେ ସାରଙ୍ଗଧର ଦାସ, ବାଜି ରାଉତ, ଭଦ୍ରକ ଜିଲ୍ଲାରେ ବିପ୍ଳବୀ ଚକ୍ରଧର ବେହେରା, ସହିଦ ନିରଞ୍ଜନ ବେହେରା, ସ୍ୱାମୀ ବିବେକାନନ୍ଦ, ଭଦ୍ରକ ଜିଲ୍ଲା ଧୂସୁରୀରେ ଅଟଳ ବିହାରୀ ବାଜପେୟୀ, ବାଞ୍ଛାନିଧି ମହାନ୍ତି, ମୁରଲୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ଚାନ୍ଦବାଲିରେ ଅଟଳବିହାରୀ ବାଜପେୟୀଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ବାବୁଙ୍କ ଲୋଭ

ଭିଜିଲାନ୍ସ ଚଢ଼ଉ ବେଳେ ସରକାରୀ ବାବୁଙ୍କ ନିକଟରୁ ବିପୁଳ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠାବ ହେଉଛି। ନିଜ ଆୟଠାରୁ ସେମାନେ ୫ଶହ ଗୁଣ ଅଧିକ ସମ୍ପତ୍ତି ଠୁଳ କରିବାର ନଜିର ମିଳୁଛି। ମାଳ ମାଳ କୋଠା, ଟଙ୍କା, ସୁନା ଏବଂ ଜମି ଠାବ ହେଉଛି। ଆହୁରି ଅନେକ ଗୁପ୍ତ ସମ୍ପତ୍ତି ଲୁଚି ରହିଛି। ସେମାନେ ଚୋରୀ କରି ନିଜକୁ ବାହାରକୁ ବେଶ ସାଧୁ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ମୁଖା ଖୋଲାଯିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ଉଚିତ। କହିବା ବାହୁଲ୍ୟ ଯେ, ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ସରକାରୀ ବାବୁ ମାନେ ଦୁର୍ନୀତି ବିରୋଧରେ ଶପଥପାଠ କରୁଛନ୍ତି। ରାଜ୍ୟ ସରକାରଙ୍କର ଏକ ଦୁର୍ନୀତି ନିବାରଣ ବିଭାଗ ରହିଛି। ଏହି ବିଭାଗ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅଫିସର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ଘରେ ରେଡ କରାଯାଉଛି। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହେଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ପରେ ସସପେଣ୍ଡ ବି ହେଉଛନ୍ତି। କୋର୍ଟରେ ମାମଲା ହେଉଛି। କିନ୍ତୁ ବାସ୍ତବରେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ଦଣ୍ଡହାର ଅତି କମ। ଅର୍ଥାତ ତଳ କୋର୍ଟରେ ହେଉ ବା ଉପର କୋର୍ଟରେ ଅଭିଯୁକ୍ତମାନେ କୋର୍ଟରେ ପ୍ରମାଣ ଅଭାବରୁ ଖସିଯାଉଛନ୍ତି। ଖୁବ କମ ବ୍ୟକ୍ତି ବାସ୍ତବରେ ଦଣ୍ଡିତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ଥ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୁଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ୬ ମାସ ତଳେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିକଟରେ ଏତେ ସମ୍ପତ୍ତି କିପରି ଆସିଲେ ତାହା ନିଶ୍ଚିତ ଭାବେ ବଡ଼ ପ୍ରଶ୍ନବାଚୀ। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେ କଳା ଟଙ୍କାର ପାହାଡ଼ ସୃଷ୍ଟି କରିଛନ୍ତି।

# ଶିକ୍ଷାନୁଷ୍ଠାନ ର୍‍ୟାଗିଂ ଓ ଭାରତୀୟ ପିଙ୍ଗଳ କୋର୍ଡ଼

॥ସୌର ଚନ୍ଦ୍ର ମହାପାତ୍ର ॥

“

*ର୍‍ୟାଗିଂ ପାଇଁ ଅସମୟରେ ଚାଲିଗଲା ଆଉ ଏକ ଅମୂଲ୍ୟ ଜୀବନ। ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବାର କୁତ୍ସିତ ମାନସିକତା ତଥା ର୍‍ୟାଗିଂ ଆଉ ଜଣେ ଅଭିଭାବକଙ୍କ କୋଳଶୂନ୍ୟ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ର୍‍ୟାଗିଂ ରୋକିବାକୁ ୟୁଜିସି, ଏଆଇସିଟିଇ ଓ ଏନଏମସି ଭଳି ଜାତୀୟ ସ୍ତରର ପ୍ରତିଷ୍ଠାନ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାରମ୍ବାର ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି ହୋଇଛି। ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କିପରି ରୋକାଯିବ, ଆଣ୍ଟି ର୍‍ୟାଗିଂ ସେଲ କିପରି ଗଠନ ହେବ, କେଉଁ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏ ନେଇ ୟୁଜିସି ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନିକଟରେ ମଧ୍ୟ ୟୁଜିସି ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ର୍‍ୟାଗିଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟକୁ ର୍‍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଠନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ପରିତାପର ବିଷୟ ହେଉଛି ରାଜ୍ୟରେ ର୍‍ୟାଗିଂ ରୋକାଯିବା ପରିବର୍ତ୍ତେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଏଥି ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ମଧ୍ୟ ଯାଉଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜନୈକ ପୂର୍ବତନ ଓ୍ୱାର୍ଡ଼େନଙ୍କ କହିବାଅନୁଯାୟୀ ର୍‍ୟାଗିଂ ସେଲଗୁଡ଼ିକ ସ୍ପାଏ (ଗୁଇନ୍ଦା) ଭଳି କାର୍ଯ୍ୟ କରିବା ଦରକାର। ହଷ୍ଟେଲ ଓ କ୍ୟାମ୍ପସ ପରିସରରେ ସିନିୟର ଓ ଜୁନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ କିପରି ରହୁଛି ତାହା ତଦାରଖ କରିବା ଦରକାର।*

ଓଡ଼ିଶାର ଶିକ୍ଷାନୁଷ୍ଠାନରେ ବ୍ୟାପକ ଭାବେ ର୍‍ୟାଗିଂ ଚାଲିଛି। ଏହାର ବଡ଼ ଉଦାହରଣ ହେଉଛି ଭୁବନେଶ୍ୱର ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜନୈକା ଅନ୍ତେଃବାସୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଣ୍ଟି ର୍‍ୟାଗିଂ ସ୍କ୍ୱାର୍ଡ଼ ଥିବା ସତ୍ତ୍ୱେ ର୍‍ୟାଗିଂ ବଢ଼ି ଚାଲିଛି। ଗତ ୨୦୨୦-୨୧ ଓ ୨୦୨୧-୨୨ରେ କେବଳ ଓଡ଼ିଶାର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ୬୦ଟି ର୍‍ୟାଗିଂ ଘଟିଛି। ଉତ୍ତର ପ୍ରଦେଶରେ ୧୪୧, ବିହାରରେ ୬୮ ଓ ଓଡ଼ିଶାରେ ୬୦ଟି ଘଟିଥିବାବେଳେ ମଧ୍ୟପ୍ରଦେଶରେ ୫୦ଟି ଘଟିଛି। ୨୦୦୯ରୁ ର୍‍ୟାଗିଂ ନିୟନ୍ତ୍ରଣ ପାଇଁ ୟୁଜିସି ରେଗୁଲେସନ ଥିବା ସତ୍ତ୍ୱେ ଓଡ଼ିଶା ଦେଶର ର୍‍ୟାଗିଂ ଟପ୍ ପାଞ୍ଚର ଶୀର୍ଷକରେ ପହଞ୍ଚିଛି। ୨୦୦୯ରୁ ୨୦୨୨ ଭିତରେ ୬୦୨ଟି ର୍‍ୟାଗିଂ ଘଟଣା ମାମଲା ଦାୟର ହୋଇଛି। ଏହା ବ୍ୟତୀତ କ୍ୟାମ୍ପସରେ ନିର୍ଯାତନା ଓ ସେକ୍ସୁଆଲ ହାରାସମେଣ୍ଟ ଅଭିଯୋଗ ମଧ୍ୟ ରହୁଥିବା ସତ୍ତ୍ୱେ ଅନେକ ସମୟରେ ଅଭିଯୋଗ ବିଧିବଦ୍ଧ ଭାବେ ଦାୟର ହୋଇପାରୁନାହିଁ।

ର୍‍ୟାଗିଂ ପାଇଁ ଅସମୟରେ ଚାଲିଗଲା ଆଉ ଏକ ଅମୂଲ୍ୟ ଜୀବନ। ଅନ୍ୟକୁ କଷ୍ଟ ଦେଇ ଖୁସି ଅନୁଭବ କରିବାର କୁତ୍ସିତ ମାନସିକତା ତଥା ର୍‍ୟାଗିଂ ଆଉ ଜଣେ ଅଭିଭାବକଙ୍କ କୋଳଶୂନ୍ୟ କରିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ର୍‍ୟାଗିଂ ରୋକିବାକୁ ୟୁଜିସି, ଏଆଇସିଟିଇ ଓ ଏନଏମସି ଭଳି ଜାତୀୟ ସ୍ତରର ପ୍ରତିଷ୍ଠାନ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ବାରମ୍ବାର ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି ହୋଇଛି। ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କିପରି ରୋକାଯିବ, ଆଣ୍ଟି ର୍‍ୟାଗିଂ ସେଲ କିପରି ଗଠନ ହେବ, କେଉଁ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏ ନେଇ ୟୁଜିସି ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି। ନିକଟରେ ମଧ୍ୟ ୟୁଜିସି ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ର୍‍ୟାଗିଂ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟକୁ ର୍‍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଗଠନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ପରିତାପର ବିଷୟ ହେଉଛି ରାଜ୍ୟରେ ର୍‍ୟାଗିଂ ରୋକାଯିବା ପରିବର୍ତ୍ତେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଏଥି ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ମଧ୍ୟ ଯାଉଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶିକ୍ଷାନୁଷ୍ଠାନ ଗୁଡ଼ିକ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ଜନୈକ ପୂର୍ବତନ ଓ୍ୱାର୍ଡ଼େନଙ୍କ କହିବାଅନୁଯାୟୀ ର୍‍ୟାଗିଂ ସେଲଗୁଡ଼ିକ ସ୍ପାଏ (ଗୁଇନ୍ଦା) ଭଳି କାର୍ଯ୍ୟ କରିବା ଦରକାର। ହଷ୍ଟେଲ ଓ କ୍ୟାମ୍ପସ ପରିସରରେ ସିନିୟର ଓ ଜୁନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ କିପରି ରହୁଛି ତାହା ତଦାରଖ କରିବା ଦରକାର। ଖାଲି ସେଲ ଗଠନ କରିଦେଲେ ର୍‍ୟାଗିଂକୁ ରୋକିବା ସମ୍ଭବ ହେବନି। ଏଥି ପାଇଁ ନବାଗତ ଓ ବରିଷ୍ଠ ଛାତ୍ରଛାତ୍ରୀଙ୍କ ସହିତ ନିୟମିତ କାଉନସେଲିଂ କରାଯିବା ଦରକାର। ଛୋଟ ଛୋଟ ଅଭିଯୋଗ ହେଲେ ମଧ୍ୟ ତାକୁ ଅଣଦେଖା ନକରି ର୍‍ୟାଗିଂ କରୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୨୯୪, ୩୨୩, ୩୨୪, ୩୨୫, ୩୨୬, ୩୩୯, ୩୪୦, ୩୪୧, ୩୪୨ ଓ ୫୦୬ରେ ଛାତ୍ରଛାତ୍ରୀ ର୍‍ୟାଗିଂ ବିରୋଧରେ ଅଭିଯୋଗ କରିପାରିବେ। ଏଥିସହିତ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେସନ୍ ଓ ମେଡ଼ିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ର୍‍ୟାଗିଂ ରୋକିବାକୁ ନିଜର ସ୍ୱତନ୍ତ୍ର ନୀତି କରିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ର୍‍ୟାଗିଂ ରୋକିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଚଣ୍ଡୀଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଓ ଜାମ୍ମୁ-କାଶ୍ମୀର ଅନ୍ୟତମ। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ର୍‍ୟାଗିଂ ବିରୋଧରେ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖା ପ୍ରକ୍ରିୟା ଚାଲିଛି। ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଟିଏ ଅନେକ ସ୍ୱପ୍ନ ନେଇ ଉପର ଶ୍ରେଣୀରେ ନାମ ଲେଖାଇଥାଏ। ମାତ୍ର ର୍‍ୟାଗିଂ ସେହି ମେଧାବୀ ଛାତ୍ର ବା ଛାତ୍ରୀଟିର ସ୍ୱପ୍ନକୁ ଧୂଳିସାତ୍ କରିଦେଉଛି। ର୍‍ୟାଗିଂ କବଳରେ ପଡ଼ି ଅନେକ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ଯାଉଛି। ବଜାରୀକରଣ ଫଳରେ ବିଶ୍ୱ ବର୍ତ୍ତମାନ ଏକ ଗ୍ରାମରେ ପରିଣତ ହୋଇଛି। ଇଣ୍ଟରନେଟ୍ ବିଶ୍ୱକୁ ଗୋଟିଏ ସୂତାରେ ବାନ୍ଧି ରଖିଛି। ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ବ୍ୟବସ୍ଥାର ଏପରି ଦ୍ରୁତ ବିକାଶ ଫଳରେ ବିଶ୍ୱର ଗୋଟିଏ କୋଣରେ ଘଟୁଥିବା ଯେ କୌଣସି ଘଟଣା ତତ୍‌କ୍ଷଣାତ ଅନ୍ୟ କୋଣରେ ପହଞ୍ଚିଯାଉଛି। ଯଦି ଆମେରିକାରେ କୌଣସି ବିଶେଷ ଘଟଣା ଘଟିଲା, ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ସମଗ୍ର ବିଶ୍ୱବାସୀ ସେ ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ତେଣୁ ର୍‍ୟାଗିଂ ସମ୍ପର୍କରେ ନୂଆ ନୂଆ କୌଶଳ ଆପଣେଇ ଛାତ୍ରଛାତ୍ରୀ ନିଜ ସହପାଠୀ ବା କନିଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଜୀବନ ନେଉଛନ୍ତି। ଏହି ଦୁଃଖଦ ଘଟଣା ଆମକୁ ଗୋଟିଏ କଥା ଶିକ୍ଷା ଦେଉଛି ଯେ, ର୍‍ୟାଗିଂ ସାମୟିକ ବିକୃତିର ଫଳ। ଲାଜକୁଳା ସ୍ୱଭାବର ପିଲାମାନଙ୍କୁ ଆଧୁନିକତାର ପାଠ ପଢ଼ାଇବାକୁ ଯାଇ ଉପର ଶ୍ରେଣୀର ଛାତ୍ରଛାତ୍ରୀମାନେ ର୍‍ୟାଗିଂ ନାମରେ ଯେଉଁ ଅମାନବୀୟ, ଅଶ୍ଳୀଳ ଓ ଶରୀର ପ୍ରତି କ୍ଷତିକାରକ କାର୍ଯ୍ୟ କରିଥାନ୍ତି, ତାହା କେବଳ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ନଷ୍ଟ କରେ ନାହିଁ, ବରଂ ଛାତ୍ରଛାତ୍ରୀଙ୍କୁ ଅନେକ କ୍ଷେତ୍ରରେ ଜୀବନ ଦେବାକୁ ପଡ଼ିଥାଏ। ର୍‍ୟାଗିଂ କବଳରୁ ବର୍ତ୍ତି ଯାଇଥିବା ଅନେକ ଛାତ୍ରଛାତ୍ରୀ ସାରା ଜୀବନ ମାନସିକ କ୍ଷତିର ଶିକାର ହୋଇ ବଞ୍ଚିଥାନ୍ତି। ଅନେକ କ୍ଷେତ୍ରରେ ର୍‍ୟାଗିଂ ପାଇଁ ଛାତ୍ରଛାତ୍ରୀ ପାଠ ପଢ଼ା ଛାଡ଼ିଥିବା ଘଟଣା ଦେଖାଯାଇଛି।

ସେହିପରି କିଛି ଛାତ୍ର ସଂଗଠନର କହିବାନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଗୋଟିଏ ବିଲ୍ଡିଂ କିମ୍ବା ହତାରେ ହେବା ଉଚିତ ନୁହେଁ, ବରିଷ୍ଠ ମାନଙ୍କୁ କନିଷ୍ଠ ଛାତ୍ରଛାତ୍ରୀଙ୍କ ହଷ୍ଟେଲରେ କଟକଣା ଲଗାଯିବା ଦରକାର। ତେବେ ଆଣ୍ଟି ର୍‍ୟାଗିଂ ସେଲ ସଠିକ ଭାବେ କାର୍ଯ୍ୟ କରିବା ଓ ପିଲାଙ୍କୁ କାଉନସେଲିଂ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସୂଚନାଯୋଗ୍ୟ ୨୦୦୮ ମସିହାରେ ର୍‍ୟାଗିଂ ସମ୍ପର୍କିତ ମାମଲାରେ ଓଡ଼ିଶା ଦେଶର ଚତୁର୍ଥ ସର୍ବାଧିକ ରାଜ୍ୟ ଭାବେ ସ୍ଥାନ ପାଇଥିଲା। ୨୦୧୩ରୁ ୨୦୧୭ ମସିହା ଯାଏଁ ରାଜ୍ୟରେ ୨୦୭ଟି ର୍‍ୟାଗିଂ ମାମଲା ଦାୟର ହୋଇଥିଲା। ଆଜି ସମଗ୍ର ଭାରତରେ ତୃତୀୟ ସ୍ଥାନରେ ରହି ବିଗତ ଦୁଇ ବର୍ଷରେ ୬୦ଟି ଘଟଣା ଘଟିଛି। ତେଣୁ ୨୦୧୮ରେ ଓଡ଼ିଶାରେ ର୍‍ୟାଗିଂ ରୋକିବାକୁ ଶିକ୍ଷା ବିଭାଗ ବିଶେଷ ଗୁରୁତ୍ୱ ଦେଇଥିଲା। ଆଣ୍ଟି ର୍‍ୟାଗିଂ ସେଲଗୁଡ଼ିକର ସୁଦୃଢ଼ିକରଣ ଓ ର୍‍ୟାଗିଂ ସହ ସଂଶ୍ଳିଷ୍ଟ ଛାତ୍ରଛାତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ବ୍ୟବସ୍ଥାରେ ଢ଼ିଲା ଯୋଗୁଁ ପୁଣି ର୍‍ୟାଗିଂ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଆଣ୍ଟି ର୍‍ୟାଗିଂ ସେଲ ବାବଦରେ ଛାତ୍ରଛାତ୍ରୀ ଅବଗତ ନଥିବାବେଳେ ଏହା କେବଳ ପୋଷ୍ଟରରେ ସୀମିତ ରହିଥିବା ପିଲାମାନେ ଅଭିଯୋଗ କରିଛନ୍ତି। ତେବେ ଏ ଦିଗରେ ସଚେତନତା ସୃଷ୍ଟି ସହ ର୍‍ୟାଗିଂରେ ସଂଶ୍ଳିଷ୍ଟ ରହୁଥିବା ପିଲାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ଶିକ୍ଷାନୁଷ୍ଠାନ କ୍ୟାମ୍ପସରୁ ର୍‍ୟାଗିଂ ରୋକାଯାଇ ପାରନ୍ତା। ଛାତ୍ର ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ. ଆଶା, ଅଭିଳାଷକୁ ପୂରଣ କରିବା ସହିତ ବାପାମାଆଙ୍କ ଆଶା, ଆକାଂକ୍ଷାକୁ ସଫଳ କରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଛାତ୍ରଛାତ୍ରୀମାନେ ନିଜ ଜୀବନର ବ୍ରତ କରନ୍ତୁ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬‘
ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬,
କଟକ,

# ଭାଗବତ ଟୁଙ୍ଗିରେ ମହାପ୍ରଭୁ

॥ ଉଦୟ କୁମାର ଦାସ ॥

ମହାପ୍ରଭୁ ସର୍ବମାନ୍ୟ। ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ। ସେ ସବୁରି ଘରେ ପୂଜିତ ହୁଅନ୍ତି। ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି। ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର। ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ। ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି - ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା। ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ। କୌଳିନ୍ୟ ରକ୍ଷା ବା କୂଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ। ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି। ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି। କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି। ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି। ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା’ପ୍ରତି ସତର୍କ କରାଇ ଦିଅନ୍ତି। ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି। ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ। ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା। ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା। ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା। ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ। କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା। ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ। ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା। ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ। ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା।

ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା। ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା। ସେଥିପାଇଁ ମାନସିକ ଇଚ୍ଛାଶକ୍ତି କାର୍ଯ୍ୟ କରୁଥିଲା। ଏହି ଇଚ୍ଛାଶକ୍ତି

ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା। ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ। ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା। ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ। ତାହା ହେଉଛି ଶୁଦ୍ର ଭାବର ଚେତନା। ଶୂଦ୍ର ଭାବ ହେଉଛି ସେବକର ଭାବ। ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ। ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା ମହାପ୍ରଭୁଙ୍କ ନିକଟତର ହୋଇଗଲା। ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ। ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା। ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ। ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧ୍ୟମରେ। ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧ୍ୟମରେ ବସାଇଦେଲେ।

ସେହିଦିନ ଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ। ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର। ସାମାଜିକ ସଂହତି, ଆଧ୍ୟାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା। ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟ୍ଟାନ୍ତର ନାହିଁ। ଏହା ଦିନକରେ ହୋଇନଥିଲା। ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ। ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା। ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ। ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ। ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି - ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ। ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି। ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ। ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ। ସେ ଥିଲେ ସିଦ୍ଧ ଯୋଗୀ। ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ। ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା। ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ। ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି। ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜୌତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା। ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି। ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ। ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ। ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି। ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି। ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା। ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୂଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା।

ବି/୨୮, କାଠଯୋଡ଼ି ଏନକ୍ଲେଭ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୦୫୨୬୬୩

# ରଥଯାତ୍ରାର ବିଭିନ୍ନ ନାମ

॥ ଅଜୟ କୁମାର ବେହେରା ॥

ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଦିନଥିଲା ଏହିଯାତ୍ରା କେବଳ ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିଲା । ମାତ୍ର ବର୍ତ୍ତମାନ ଏହା ସାରା ଭାରତରେ ଏପରିକି ଅନେକ ପାଶ୍ଚାତ୍ୟ ଦେଶରେ ମଧ୍ୟ ଉଦ୍ଦୀପନାର ସହିତ ପାଳିତ ହେଉଛି । ଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ରଥଯାତ୍ରାର ଯେଉଁସବୁ ନାମ ଅତ୍ୟନ୍ତ ପ୍ରସିଦ୍ଧ ଓ ଶାସ୍ତ୍ର ସମ୍ମତ ସେଗୁଡ଼ିକ ହେଲା ଶ୍ରୀଗୁଣ୍ଡିଚା ଯାତ୍ରା : ଗୁଣ୍ଡର୍ବାଣ ରାଜ ତନୟା ଗୁଣ୍ଡିଚା ଦେବୀ ଥିଲେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ସହଧର୍ମିଣୀ । ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ନୀଳାଦ୍ରିରେ ପ୍ରତିଷ୍ଠା କରିସାରିବା ପରେ ଗୁଣ୍ଡିଚା ଦେବୀ ରଥଯାତ୍ରାର ଆୟୋଜନ କରିଥିଲେ । ତେଣୁ ଗୁଣ୍ଡିଚା ଦେବୀଙ୍କୁ ଚିର ସ୍ମରଣୀୟ କରିବା ପାଇଁ ରଥଯାତ୍ରାକୁ ଗୁଣ୍ଡିଚା ଯାତ୍ରା ନାମ ପ୍ରଦାନ କରାଯାଇଛି ।

ଘୋଷ ଯାତ୍ରା : ଘୋଷ ହେଉଛି ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ତାହାକୁ ଘୋଷଯାତ୍ରା ବୋଲି କୁହାଯାଏ ।

ପତିତପାବନ ମହୋତ୍ସବ : ଜଗନ୍ନାଥଙ୍କର ଅନ୍ୟତମ ନାମ ପତିତପାବନ । ତାଙ୍କ ଆଗରେ ଦୀନ, ହୀନ, ଦୁଃଖୀ, ରଙ୍କି, ଧନୀ, ଦରିଦ୍ର, ଭକ୍ତ ଓ ପତିତ ସମସ୍ତେ ସମାନ । ସମାଜ ଆଖିରେ ଯେଉଁମାନେ ପତିତ ଏବଂ ଯେଉଁମାନଙ୍କର ମନ୍ଦିର ପ୍ରବେଶ କରିବାର ଅଧିକାର ନାହିଁ ସେମାନଙ୍କୁ ଦର୍ଶନ ଦେବାକୁ ଏବଂ କର ପ୍ରସାରଣ ପୂର୍ବକ ଆଲିଙ୍ଗନ କରିବାକୁ ପ୍ରତିବର୍ଷ ରଥଯାତ୍ରା ସମୟରେ ସେ ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ପତିତଜନଙ୍କୁ ଉଦ୍ଧାର କରିବା ଲାଗି ମହାପ୍ରଭୁ ଆସୁଥିବାରୁ ଏହାକୁ ପତିତପାବନ ମହୋତ୍ସବ ବୋଲି କୁହାଯାଇଥାଏ ।

ଦଶାବତାର ଯାତ୍ରା : ଜଗନ୍ନାଥ ହେଉଛି ପରଂବ୍ରହ୍ମ ଓ ଷୋଳକଳା ଯୁକ୍ତ ପୁରୁଷୋତ୍ତମ । ଅବତାରୀ ପୁରୁଷ ଭାବରେ ସେ ବିଭିନ୍ନ ଅବତାରମାନ ସୃଷ୍ଟି କରନ୍ତି ଓ ସେମାନଙ୍କର ଲୀଳା ସମାପ୍ତି ପରେ ସେମାନଙ୍କୁ ନିଜ ଶ୍ରୀଅଙ୍ଗରେ ବିଲୀନ କରନ୍ତି । ରଥଯାତ୍ରା ସମୟରେ ସେ ଏକାଧାରାରେ ଦଶାବତାର ରୂପ ଧାରଣ କରନ୍ତି ବୋଲି ରଥଯାତ୍ରାକୁ ଦଶାବତାର ଯାତ୍ରା ନାମରେ ନାମିତ କରିବା ଶାସ୍ତ୍ର ସମ୍ମତ । ରଥଯାତ୍ରା ସମୟରେ କୁସୁମଲାଗି ବେଳେ ମୀନାକୃତି ମୀନାବତାର, ତୁଳୀଲାଗି ବେଳେ କୂର୍ମ ଅବତାର, ରଥାରୁଢ଼ ହେବାବେଳେ ବାମନ ଅବତାର, ସେନାପଟୀ ବାହୁଟି ଲଗାଇବା ବେଳେ ନରସିଂହ ଅବତାର, ଆଡ଼ପଡୋରି ଲାଗି ବେଳେ ପର୍ଶୁରାମ ଅବତାର, ଆଡ଼ପରୀକ୍ଷାରେ ରାଘବେନ୍ଦ୍ର ଅବତାର, ଆଡ଼ପରାସ ତଥା ହେରୋତ୍ସବରେ ବ୍ରଜେନ୍ଦ୍ର ନନ୍ଦନ ଅବତାର, ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରି ଜନମତକୁ ହରଣ କରନ୍ତି । ଏହାଛଡ଼ା ରଥଯାତ୍ରା ସମୟରେ ଜଗନ୍ନାଥ,ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମ ଓ କୃଷ୍ଣ ଏହି ଦଶମୂର୍ତ୍ତି ରଥରେ ଯାତ୍ରା କରିଥାନ୍ତି ବୋଲି ଏହାକୁ ଦଶାବତାର ଯାତ୍ରା ବୋଲି କୁହାଯାଇଥାଏ ।

ଦକ୍ଷିଣାଭିମୁଖୀ ଯାତ୍ରା : ବିଷ୍ଣୁ ପୂଜାରେ ପ୍ରତି ମାର୍ଜ୍ଜନା ସର୍ବଦା ପୂର୍ବ ଓ ଉତ୍ତର ଦିଗକୁ ହେବାର ବିଧି ସର୍ବଶାସ୍ତ୍ର ସମ୍ମତ । କେବଳ ନରସିଂହ ବିଗ୍ରହ ଦକ୍ଷିଣାଭିମୁଖୀ ହୋଇ ପୂଜିତ ହେବାର ବିଧି ପ୍ରଚଳିତ ଅଛି । ତେଣୁ ବାହୁଡ଼ା ଯାତ୍ରା ସମୟରେ ଜଗନ୍ନାଥ ବାହୁଡ଼ା ଦଶମୀ, ଏକାଦଶୀ ଓ ଦ୍ୱାଦଶୀ ଏହି ତିନି ଦିନ ଦକ୍ଷିଣାଭିମୁଖୀ ହୋଇ ରହୁଥିବାରୁ ତାଙ୍କୁ ନୃସିଂହ ତଥା ଯଜ୍ଞ ପୁରୁଷ ରୂପରେ ବନ୍ଦନା କରାଯାଏ । ତେଣୁ ରଥଯାତ୍ରାକୁ ଦକ୍ଷିଣାଭିମୁଖୀ ଯାତ୍ରା ନାମରେ ଅଭିହିତ କରାଯାଏ ।

ଅନ୍ତର୍ବେଦୀ ମହୋତ୍ସବ : ଶ୍ରୀମନ୍ଦିରରେ ଥିବା ଯେଉଁ ରତ୍ନସିଂହାସନ ଉପରେ ଜଗନ୍ନାଥ ଅବସ୍ଥାନ କରନ୍ତି ତାହାକୁ ଅନ୍ତର୍ବେଦୀ କୁହାଯାଏଶ । ଏହା ସର୍ବସିଦ୍ଧ ଯେ ଜଗନ୍ନାଥ ବିଗ୍ରହଙ୍କ ଠାରୁ ଅର୍ନ୍ତବେଦୀ ହେଉଛି ଆହୁରି ପ୍ରାଚୀନ । ମହାପ୍ରଳୟରେ ମଧ୍ୟ ଅର୍ନ୍ତବେଦୀ ବିନିଷ୍ଟ ହୁଏନାହିଁ । ଅର୍ନ୍ତବେଦୀ ହେଉଛି ପୃଥିବୀର ପବିତ୍ରତମ ସ୍ଥାନ । ରଥଯାତ୍ରା ସମୟରେ ଜଗନ୍ନାଥ ଅର୍ନ୍ତବେଦୀ ପରିତ୍ୟାଗ କରି ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି ଓ ରଥଯାତ୍ରା ପରେ ପୁନଶ୍ଚ ସେଠାକୁ ଫେରିଆସନ୍ତି । ତେଣୁ ବାସ୍ତବରେ ରଥଯାତ୍ରା ହେଉଛି ଅର୍ନ୍ତବେଦୀ ମହୋତ୍ସବ । ଆଦି ବ୍ରହ୍ମ ପୁରାଣରେ ଅର୍ନ୍ତବେଦୀକୁ ବିଷ୍ଣୁଲୋକ ବୋଲି ବର୍ଣ୍ଣନା କରାଯାଇଛି ।

ଆଡ଼ପ ଯାତ୍ରା : ଆଡ଼ପ ଶବ୍ଦର ଅର୍ଥ ଆଦି ବା ମୂଳ । ଏଣୁ ଆଡ଼ପ ମଣ୍ଡପର ଅର୍ଥ ହେଉଛି ଆଦିପୀଠ ବା ଆଦି ମଣ୍ଡପ । ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁଠାରେ ଶ୍ରୀଜୀଉଙ୍କୁ ପ୍ରତିଷ୍ଠା କରିଥିଲେ ତାହା ଆଡ଼ପ ମଣ୍ଡପ ନାମରେ ଖ୍ୟାତ । ଆଡ଼ପ ମଣ୍ଡପ ହେଉଛି ଶ୍ରୀଜୀଉଙ୍କର ଜନ୍ମ ଭୂମି ବା ଜନକପୁରୀ । ରଥଯାତ୍ରାରେ ଶ୍ରୀଜୀଉମାନେ ଆଡ଼ପ ମଣ୍ଡପକୁ ବିଜେ କରୁଥିବାରୁ ଏହାକୁ ଆଡ଼କ ଯାତ୍ରା କୁହାଯାଇଥାଏ ।

ନବଦିନାତ୍ମକ ଯାତ୍ରା : ରଥଯାତ୍ରାରେ ଜଗନ୍ନାଥ ନ’ଦିନ କଟାଇ ଶ୍ରୀମନ୍ଦିରକୁ ଫେରି ଥାଆନ୍ତି । ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି କୁହାଯାଇଥାଏ । ତେବେ ରଥଯାତ୍ରା ଯେପରି ଆନନ୍ଦପ୍ରଦ ସେହିପରି ମଙ୍ଗଳପ୍ରଦ ଅଟେ ।

‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

## ଅଂଶୁମାନ ନାହାକ ସର୍ବଭାରତୀୟ ନିଟ ପରୀକ୍ଷାରେ ଉଦୟଗିରି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କଲେ

ରା ଉଦୟଗିରି ତା ୨୮/୦୯/୨୫ ରିଖ ରା ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକଙ୍କ ଏକ ମାତ୍ର ପୁତ୍ର ଅଂଶୁମାନ ନାହାକ ଚଳିତ ବର୍ଷ ସର୍ବଭାରତୀୟ ନିଟ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଫୁଲବାଣୀ ସ୍ଥିତ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କର ଏ ସଫଳତା ପାଇଁ ମହେନ୍ଦ୍ରଗଡ଼ ଅଞ୍ଚଳରେ ଆନନ୍ଦର ଛାୟା ଖେଳିଯାଇଛି । ମହେନ୍ଦ୍ରଗଡ଼ ଗାଁ ପାଇଁ ସେ ପ୍ରଥମ ଛାତ୍ର ଡାକ୍ତରୀ ପଢିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି ।କଠିନ ପରିଶ୍ରମ ଓ ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି ବୋଲି ସେ ପ୍ରମାଣ କରିଛନ୍ତି । ତାଙ୍କର ଏ ସଫଳତା ପାଇଁ ସମସ୍ତ ଗୁରୁଜନ,ପରିବାରବର୍ଗ, ଶିକ୍ଷକବୃନ୍ଦ ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ତାଙ୍କର ଏ ଶ୍ରେୟ ପିତା ମାତା ଓ ଗୁରୁଜନ ମାନଙ୍କ ଆଶୀର୍ବାଦରୁ ସମ୍ଭବ ହୋଇ ପାରିଛି ବୋଲି ପ୍ରକାଶ କରିଛନ୍ତି ।



## ଦଶହରା ନିମନ୍ତେ ଉତ୍ସବ ମୁଖରିତ ଦଶପଲ୍ଲା

ଗଣିଆ, (ମହାଭାରତ): ପାର୍ବଣ ଋତୁ ଆସିବା ସହିତେ ସମସ୍ତ ଗାଁ ଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଛି। ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଓ ଦୀପାବଳି ପର୍ବ ପାଇଁ ଲୋକମାନେ ବିଭିନ୍ନ ପ୍ରସ୍ତୁତି ନେଉଛନ୍ତି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବଜାର ଓ ରାସ୍ତା ଗୁଡ଼ିକୁ ଆଲୋକ ସାଜସଜ୍ଜା, ତୋରଣ ସଜାଯାଉଛି। ଘରେ ଘରେ ସଫାସଫି ଓ ନୂଆ ଚିତ୍ରାଙ୍କନ ହେଉଛି। ବଜାରରେ ବିକ୍ରି ବିଶେଷକରି ନୂଆ ଜାମା, ମିଠା, ଖେଳନା ଓ ଦୀପ ବିକ୍ରିରେ ଗଭୀର ଚଞ୍ଚଳତା ଦେଖାଯାଉଛି। ଅନେକ ସ୍ଥାନରେ ପୂଜା ପାଣ୍ଡାଲ୍ ତିଆରି ଚାଲିଛି। ଯେଉଁଠାରେ ନୂଆ ଥିମ୍ ଓ ପ୍ରଜ୍ଞାପନା ସହିତ ମୂର୍ତ୍ତି ସଜାଯିବା ଯୋଜନା ରହିଛି। ଯୁବସମାଜ ଓ ସଂସ୍କୃତିମାନ୍ୟ ମଣ୍ଡଳୀମାନେ ଏହି ପାଇଁ ଦିନ ରାତି କାମ କରୁଛନ୍ତି ।ଗାଁ ଅଞ୍ଚଳରେ ମଧ୍ୟ ଉତ୍ସବ ପାଇଁ ଧାର୍ମିକ କାର୍ଯ୍ୟକ୍ରମ, ଖେଳାଦି ଓ ଲୋକନୃତ୍ୟ ଆୟୋଜିତ ହେବା ପାଇଁ ପ୍ରସ୍ତୁତି ଚାଲିଛି। ବାଳ, ବୃଦ୍ଧ, ପୁରୁଷ, ମହିଳା ସମସ୍ତଙ୍କ ମନରେ ଉଲ୍ଲାସ ବ୍ୟାପିଛି। ଏହି ଉତ୍ସବ ଋତୁ ଓଡ଼ିଶାର ସାମୂହିକ ସଂସ୍କୃତି ଓ ଏକତାର ପ୍ରତିକ ହିସାବରେ ଉପସ୍ଥାପିତ ହେଉଛି।

## ପାରାଦୀପ ଇଫକୋରେ ଧୁମଧାମରେ ନବରାତ୍ର ପାଳନ

ପାରାଦୀପ, (ମହାଭାରତ) : ଶାରଦୀୟ ଦୁର୍ଗାପୂଜା ସହର ଅବସରରେ ପାରାଦୀପର ଇଫକୋ ୟୁନିଟ ପକ୍ଷରୁ ନବରାତ୍ର ପୂଜାକୁ ଧୁମଧାମରେ ପାଳନ କରାଯାଉଛି । ଦାଣ୍ଡିଆର ତାଳେ ତାଳେ ନାଚି ଗାଇ ଭାଇଚାରାର ନୂଆ ଦିଗ ଦର୍ଶନ ଦେଉଥିବାବେଳେ ପାରାଦୀପ ଇଫକୋ ୟୁନିଟ ଗୁଜୁରାଟର ଭ୍ରମ ସୃଷ୍ଟି କରୁଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ନବରାତ୍ର ପୂଜାକୁ ମହାଆଡ଼ମ୍ବରରେ ପାଳନ କରାଯିବା ସହିତ ଗୁଜୁରାଟରୁ ଆସିଛନ୍ତି ମ୍ୟୁଜିକାଲ ଟିମ ଗୁଜୁରାଟୀ ଢାଞ୍ଚାରେ ଦାଣ୍ଡିଆ ସଙ୍ଗୀତ ପରିବେଷଣ କରୁଥିବା ବେଳେ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଏହି ଉତ୍ସବରେ ସାମିଲ ହୋଇଛନ୍ତି । ଇଫକୋ ୟୁନିଟ୍‌ର ଭାଇଚାରା ପାରାଦୀପର ଅନ୍ୟ ଶିଳ୍ପସଂସ୍ଥା ପାଇଁ ପାଲଟିଛି ଉଦାହରଣ ଦିନ ଧରି ନବରାତ୍ର ଅବସରରେ ରାଦୀପରେ ଭାଇଚାରା ବଜାୟ ରଖିବା ସହିତ ସମସ୍ତ ଶିଳ୍ପସଂସ୍ଥାର ଅଧିକାରୀଙ୍କୁ ନବରାତ୍ର ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରି ବିଭିନ୍ନ ଶିଳ୍ପସଂସ୍ଥା ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ରାତ୍ର ଉତ୍ସବ ପାଳନର ଉଦ୍ଦେଶ୍ୟ ବୋଲି ଇଫକୋ ମୁଖ୍ୟ ଏ.କେ.ମହାପାତ୍ର କହିଛନ୍ତି ।



## ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଲେ ଶିଳ୍ପମନ୍ତ୍ରୀ

ପାରାଦୀପ, (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରତିଦିନ ରବିବାର ଦିନ ପ୍ରସାରିତ ହୋଇଥାଏ। ଏହି କାର୍ଯ୍ୟକ୍ରମର ୧୨୬ତମ ସଂସ୍କରଣକୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ଵାଇଁ ରବିବାର ଦିନ ତାଙ୍କ ପାରାଦୀପ ରଙ୍ଗିଆଗଡ଼ ସ୍ଥିତ ବାସଭବାନରେ ଜନସଧାରଣଙ୍କ ସହ ମିଶି ଶୁଣିଥିଲେ କ୍ଷ ଏହି ଅବସରରେ ପ୍ରଧାନମନ୍ତ୍ରୀ ଇଂରେଜ ଶାସନର ଅତ୍ୟାଚାର ବିରୁଦ୍ଧରେ ଶହୀଦ୍ ଭଗତ ସିଂହଙ୍କ ସାହସ ଓ ନିର୍ଭିକତାକୁ ସ୍ମରଣ କରିବା ସହିତ ଦେଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ଜୀବନ କଥା ମନେ ପକାଇଥିଲେ। ମହାନ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କର ସଙ୍ଗୀତ କିପରି ମାନବୀୟ ସମ୍ବେଦନାକୁ ଆକର୍ଷିତ କରିଥାଏ, ତାହା ମଧ୍ୟ ପ୍ରଧାନମନ୍ତ୍ରୀଜୀ ବର୍ଣ୍ଣନା କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ, ନବରାତ୍ରିର ଏହି ସମୟରେ ନାରୀଶକ୍ତି ବିଷୟରେ ଆଲୋକପାତ କରିବା ସହ ବ୍ୟବସାୟ ଠାରୁ ଆରମ୍ଭ କରି କ୍ରୀଡା ଏବଂ ଶିକ୍ଷା ଠାରୁ ଆରମ୍ଭ କରି ବିଜ୍ଞାନ ପର୍ଯ୍ୟନ୍ତ ନାରୀମାନେ ଆଗରେ ଥିବା କଥା କହିଥିଲେ। ଛଟ୍ ପୂଜା ସମ୍ପର୍କରେ ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିବା ସହ ଖଦି ବସ୍ତ୍ର ପ୍ରତି ଭାରତୀୟଙ୍କର ଆଗ୍ରହ ବଢୁଥିବା କଥା କହିଛନ୍ତି ଏବଂ ଅକ୍ଟୋବର ୦୨ ତାରିଖରେ ଖଦିର କିଛି ସ୍ୱଦେଶୀ ଜିନିଷ କିଣିବା ପାଇଁ ଆହ୍ୱାନ ଜଣାଇଛନ୍ତି। ଚଳିତ ବର୍ଷ ବିଜୟାଦଶମୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାର ଶତବାର୍ଷିକୀ ପଡୁଥିବା ବିଷୟରେ ପ୍ରଧାନମନ୍ତ୍ରୀ କହିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆରଏସଏସ ସ୍ୱେଚ୍ଛାସେବୀଙ୍କ ସାହାଯ୍ୟ, ସହଯୋଗ ବିଷୟରେ ଆଲୋକପାତ କରିଛନ୍ତି ଏବଂ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କର ରାଷ୍ଟ୍ର ଭାବନା ରହିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିପରି ପାରାଦୀପ ନୂଆବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ସର୍ବେଶ୍ୱର ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ହୋଇ ଏହି ମନ କି ବାତ କାର୍ଯ୍ୟକ୍ରମ ଶୁଣିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ଏପରି ନୀତିଶିକ୍ଷା, ଉପଦେଶ ଓ ପରାମର୍ଶ ସାଧାରଣରେ ବେସ ଆଦୃତ ହେଉଥିବାର ଦେଖିବାକୁ ମିଳୁଛି ।



# ଶାରଦୀୟ ସାତବଖରା ପର୍ବ ଘରେ ସପ୍ତମାତାଙ୍କ ବାହାର ପର୍ବ ଦର୍ଶନ

ବାଣପୁର, (ମହାଭାରତ): ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଆରାଧ୍ୟା ଦେବୀ ମା'ଭଗବତୀଙ୍କ ଶାରଦୀୟ ଦୁର୍ଗୋତ୍ସବ ବାହାର ପର୍ବ ଘର ପ୍ରାଚୀନସାତବଖରା ଘରେ ମହାସମାରୋହରେ ଚାଲିଛି । ପରମ୍ପରା ଅନୁସାରେ ଦେବୀ ଭଗବତୀ ଏହି ପର୍ବରେ ଯୋଗ ଦେବାପାଇଁ ବର୍ଷର ବିଭିନ୍ନ ସମୟ ରେ ବାଣପୁର ରାଜ୍ୟଚତୁସୀମାରେ ପୂଜା ପାଉଥିବା ଚାରିଦିଗରକ୍ଷାକାରିଣୀ ମା'ବିରିଜାଇ, ମା' କାଳିଜାଇ, ମା'ନାରାୟଣୀ ,ମା'ଶିଦ୍ଧେଶ୍ୱରୀ, ବଙ୍କାଡ଼ଗଡ଼ଦେବୀ ମା'କନକ ଦୁର୍ଗା, ଏବଂ ପୀଠେଶ୍ୱରୀ ବୁଢି ଠାକୁରାଣୀଙ୍କୁ ନିମନ୍ତ୍ରଣ ପୂର୍ବକ ସାଥିରେ ନେଇ ଆଶ୍ୱିନ ଅମବାସ୍ୟା ରାତ୍ର କାଳରେ ଏକତ୍ର ଭେଟ ହୋଇ ବାହାରପର୍ବଘରସାତବଖରା ଘରେ ପ୍ରବେଶ କରିଥିଲେ । ଏଠାରେ ଶୁକ୍ଲ ପ୍ରତିପଦା ଠାରୁ ଆରମ୍ଭ ହୋଇଛିବାହାର ପର୍ବ। ପ୍ରତ୍ୟହ ପ୍ରଭାତରୁ ଦ୍ୱାରଫିଟାପରେ ମା'ମାନଙ୍କ ଅଙ୍ଗରାଗ ମାର୍ଜଣା, (ମହାସ୍ନାନ) ମହାପ୍ରସାଦ ଅର୍ପଣ, ବେଶ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଚଣ୍ଡିପାଠ, ବଗଳା,ବଳଭ ଆଳତୀ, ସର୍ବ ସାଧାରଣ ଦର୍ଶନ ପରେ ବିଶିଷ୍ଟ ପର୍ବ ପୂଜକ ଶ୍ରୋତ୍ରୀୟ ବ୍ରାହ୍ମଣ ପଣ୍ଡିତ ବାମନଚରଣ ଦାଶଙ୍କ ଦ୍ୱାରା ପର୍ବ ପୂଜା, ହୋମଯଜ୍ଞ ଧୂପ ନୀତି ପରି ସମସ୍ତ ନୀତିକାନ୍ତି ମହାସମାରୋହରେ ପାଳିତ ହେଉଛି । ସାତ ମାତାଙ୍କ ଗୋଟିଏ ପୀଠରେ ଏକତ୍ର ପୂଜନ ପରି ଦୁର୍ଲଭ ଦର୍ଶନ ସହିତ ନିଜର ନିଜ ପରିବାରର ସୁଖ, ଶାନ୍ତି,ସମୃଦ୍ଧି କାମନା କରିବା ଏବଂ ବିପଦ ଆପଦ,ରୋଗ ବୈରାଗ୍ୟରୁ ରକ୍ଷା ପାଇଁ ମାତୃଶକ୍ତି ଙ୍କଆଶୀର୍ବାଦ ଭିକ୍ଷା ନିମନ୍ତେ ପ୍ରତିଦିନ ସକାଳୁ ରାତ୍ର ପର୍ଯ୍ୟନ୍ତ ଅଗଣିତ ସ୍ଥାନୀୟ ତଥା ଦୂରଦୂରାନ୍ତରୁ ଆସୁଥିବାଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି । ବିଶ୍ୱାସ ଅଛି ସାତବଖରା ଘରେ ଶାରଦୀୟ ପର୍ବରେ ଶ୍ରଦ୍ଧାଳୁମାନେ ମା'ମାନଙ୍କ ନିକଟରେ ଯାହା ମାନସିକ ରଖନ୍ତି ତାହା ଅଚିରେ ପୂର୍ଣ୍ଣ ହୁଏ । ଏହି ପୀଠରୁ ଆଶୀର୍ବାଦ ଲାଭ କରି ନିଜର ମାନସିକ ପୂର୍ଣ୍ଣ ଲାଭ କରିଥିବା ବହୁ ଶ୍ରଦ୍ଧାଳୁମାନେ ମଧ୍ୟ ମା'ଙ୍କ ଦର୍ଶନ ସହିତ ଦୀପ, ପୁଷ୍ପ, ଭୋଗନୈବେଦ୍ୟ ଅର୍ପଣ କରିବାକୁ ଏହିପର୍ବଗୃହକୁ ଆସିଥିବାର ପ୍ରକାଶ କରିଛନ୍ତି ଓ ମା'ଙ୍କ ସାତ ବଖରା ପର୍ବ ଘରେ ମାନସିକଧାରୀମାନେ ମାନସିକ ପୂର୍ଣ୍ଣ ନିମନ୍ତେ ମହାସପ୍ତମୀଠାରୁ ଦଶହରା ପର୍ଯ୍ୟନ୍ତ ଅଗାଧ ବିଶ୍ୱାସର ସହିତ ମା'ଙ୍କ ନିକଟରେ ପୂର୍ଣ୍ଣ ସମର୍ପିତ ହୋଇ ଅଖଣ୍ଡ ଦୀପ ବସାଇବାର ମଧ୍ୟ ଦେଖିବାକୁ ମିଳୁଛି । ପ୍ରତିଦିନ ମା'ମାନଙ୍କ ନିକଟରେ ନିଶଙ୍କୁଡ଼ିରେ ଖଇ, କୋରା, କାକରା, ଫଳ ମୂଳଧୂପ ହେଉଥିବା ବେଳେ, ଶଙ୍କୁଡ଼ିରେ ଖେଚଡ଼ି, ଡାଲି ମାଛ ମହୁର, ଆମ୍ବିଳ, କ୍ଷିରି, ଏଣ୍ଡୁରି ,ମାଛ ବଳିପୋଡ଼ା ଇତ୍ୟାଦି ନୈବେଦ୍ୟ ଧୂପ ହେଉଛି । ଧୂପ ପରେ ମା'ଙ୍କ ପରବ ପ୍ରସାଦ ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଉଛି ।ମା'ମାନଙ୍କ ଏହି ଦୁର୍ଲଭପରବ ପ୍ରସାଦ ପାଇ ସମସ୍ତେ ନିଜକୁ ଧନ୍ୟ ମନେ କରନ୍ତି ଓ ବାଣପୁର ସହର ଏହି ପର୍ବରେ ବିଶାଳ ରଙ୍ଗୀନ ତୋରଣ, ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜେଇ ହୋଇ ସଂଧ୍ୟାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ର ଆୟୋଜନରେ ଉତ୍ସବମୁଖର ହୋଇପଡିଛି । ପୂଜା ଛୁଟି ଆରମ୍ଭରେ ଦୂର ଦୂରାନ୍ତରୁ ଅଗଣିତ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ ଜମିବ। ଏହାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଦେବୋତ୍ତର କାର୍ଯ୍ୟାଳୟ, ସ୍ଥାନୀୟ ଆରକ୍ଷୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ମିଳିତ ସହଯୋଗରେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିବା କଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ପ୍ରକାଶ ।



## ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳିତ

କଳାହାଣ୍ଡି, (ମହାଭାରତ) : ଜିଲ୍ଲା ପ୍ରଶାସନ ଏବଂ ଭବାନୀପାଟଣା ପୌରପାଳିକାର ମିଳିତ ଉଦ୍ୟମରେ ଚଳିତ ମାସ ୧୭ରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ଆରମ୍ଭ ହେଇ ଅକ୍ଟୋବର ୨ରେ ସମାପନ ହେବ । ଏହି ଅବସରରେ ପ୍ରତ୍ୟେକ ଦିନ ଭବାନୀପାଟଣା ସହରରେ ସଫାସୁତୁରା କାର୍ଯ୍ୟ ଚାଲୁଅଛି। ତେଣୁ ଆଜି ଭବାନୀପାଟଣା ସହର ସ୍ଥିତ ୱାର୍ଡ ନଂ ୧୫ର ସମ୍ଭୁନଗରପଡାରେ ଥିବା ଶ୍ମଶାନରେ ସକାଳ ୭.୩୦ରୁ ୯.୩୦ ଯାଏଁ ସଫେଇ କରାଯାଇଥିଲା। ଏଥିରେ ସ୍ଥାନୀୟ କାଉନ୍ସିଲର ମାନସୀ ଜେନା, ମାନସ ଜେନା (ଭାଲୁ), ସମାଜସେବୀ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା (ବାବି), ରାଜେଶ ଜେନା (ରାଜୁ), ଆଦିତ୍ୟ ଭୂଷଣ ସିଂଦେଓ, ପ୍ରସନ୍ନ ଜେନା, ଆଲୋକ ସାହୁ, ଭରତ ବିଶ୍ୱାଳ, ଅନିତା ବିଶ୍ୱାଳ, ଭାଗିରଥୀ ମହାରଣା, ସ୍ୱଚ୍ଛ ସାଥୀ ରଞ୍ଜିତା ମହାରଣା, ସ୍ୱଚ୍ଛ ସାଥୀ ସୁପରଭାଇଜର ସୁଜାତା ପାତ୍ରୀ ସହିତ ୱାର୍ଡ୍ ନଂ ୧୫ ପାଇଁ ନିୟୋଜିତ ଥିବା ସଫେଇ କର୍ମଚାରୀମାନେ ସାମିଲ ହୋଇଥିଲେ। ଆଗାମୀ ଦିନମାନଙ୍କରେ ପ୍ରତ୍ୟେକ ମାସର ଶେଷ ରବିବାର ଦିନ ସଫେଇ କାର୍ଯ୍ୟକ୍ରମ କରିବା ପାଇଁ ସମସ୍ତଙ୍କ ଭିତରେ ମତପ୍ରକାଶ ପାଇଛି ଏବଂ ୱାର୍ଡ ନଂ ୧୫ ଏବଂ ୧୪ର ସମସ୍ତଙ୍କୁ ଏହି ମହତ୍ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଅଛି।

# ସିଂହ ବାହିନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ମା' ମଙ୍ଗଳା

କାକଟପୁର, (ମହାଭାରତ) : ଆଦିଶକ୍ତି ପରମ ବୈଷ୍ଣବୀ ମା ଜଗତ ଜନନୀ ମଙ୍ଗଳା, କାକଟପୁର ପ୍ରାଚୀ ତଟରେ ପୂଜା ପାଉଛନ୍ତି ବନଦୁର୍ଗା ମନ୍ତ୍ରରେ। ଚାଲିଛି ଶାରଦୀୟ ନବରାତ୍ର ପୂଜା, ବିଭିନ୍ନ ଶକ୍ତି ପୀଠ ରେ ରବିବାର ଦିନ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ମା ଙ୍କର ଏହି ନବଦିନରେ ନାଲି କଲି, କଳା କଲି, ତୀର କମାଣ ରେ ରଘୁନାଥ ବେଶ, କାତ୍ୟାୟନୀ ଓ କାର୍ତ୍ତି ଖର୍ପର, ମହା ସପ୍ତମୀ ରେ ମା ଙ୍କର ପବିତ୍ର ସିଂହ ବାହିନୀ ବେଶ ଅନୁଷ୍ଠିତ ହୋଇଛି। ମା ଅସ୍ତ୍ର ଧାରଣ କରି ସିଂହ ଉପରେ ବିରାଜ କରି ମହିଷାସୁର ସହ ଯୁଦ୍ଧ କରିବାକୁ ଯାଉଛନ୍ତି ରଣ୍ଗିରୀ। ଏହି ବେଶ ରେ ମା ଅତ୍ୟନ୍ତ ଶକ୍ତିମୟୀ ଆଉ ଦୁର୍ଗତିନାଶିନୀ ଙ୍କ ରୂପେ ଦୃଶ୍ୟ ହୁଅନ୍ତି। ପ୍ରତ୍ୟେକ ଦିନ ବେଶ ଆଉ ମହା ସପ୍ତମୀ ବେଶ ରେ ସିଂହ ବାହିନୀ ବେଶ ଏତେ ଦୁର୍ଲଭ କେବଳ କାକଟପୁର ନୁହେଁ ଓଡିଶା ଓ ଓଡିଶା ବାହାରୁ ଅନେକ ରାଜ୍ୟ ରୁ ଆଜି ୧୦ ହଜାରରୁ ଭକ୍ତ ଙ୍କ ସମାଗମ ହୋଇଛି। ମା ଙ୍କର ରୀତିକାନ୍ତି ସରିବା ପରେ ସେବାୟତ ମାନଙ୍କ ଦ୍ୱାରା ଏହି ବେଶ ଅନୁଷ୍ଠିତ ହୋଇଥିଲା। ଷୋଡଶ ଉପଚାର ପୂଜା ପଣ୍ଡା ଙ୍କ ଦ୍ୱାରା ମା ଙ୍କର ଔପଚାରିକ ପୂଜା ଅନୁଷ୍ଠିତ ହେବା ପରେ ଭକ୍ତ ମାନେ ମା ଙ୍କର ଏହି ଦୁର୍ଲଭ ବେଶ ଦର୍ଶନ କରିଛନ୍ତି। ପୂଜକ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ, ମହେନ୍ଦ୍ର ଦୀକ୍ଷିତ କୁହନ୍ତି ଶାରଦୀୟ ନବରାତ୍ରରେ ମା ଙ୍କର ଏହି ବେଶ ଦର୍ଶନ କଲେ ନବଗ୍ରହ ଶାନ୍ତି ହୁଅନ୍ତି ତା ସହ ପିତୃ ପୁରୁଷ ତୃପ୍ତି ହୁଅନ୍ତି, ମାନସିକ ଧାରୀଙ୍କ ମନସ୍କାମନା ପୂର୍ଣ୍ଣ ହୁଏ। ମନ୍ଦିର ପ୍ରଶାସନ ଓ କାକଟପୁର ପୋଲିସ ତରଫରୁ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଭକ୍ତ ଶୃଙ୍ଖଳା ର ସହ ଦର୍ଶନ କରିଛନ୍ତି। ଯାହାକୁ ନେଇ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ ଓ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।



## ଆଶାକର୍ମୀ ଆସୋସିଏସନ, ସିଆଇଟିୟୁ ପକ୍ଷରୁ ବୈଠକ

ନୂଆଗାଁ (ମହାଭାରତ) : ଓଡିଶା ଆଶାକର୍ମୀ ଆସୋସିଏସନର ତୃତୀୟ ନୂଆଗାଁ ବ୍ଲକ ସମ୍ମିଳନୀ ସିଆଇଟିୟୁ ନେତୃତ୍ୱରେ ଡାକ ବଙ୍ଗଳା ଠାରେ ପାଞ୍ଚାଳୀ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଂଗଠନର ଲାଲ ଝଣ୍ଡା କୁ ଆନୁଷ୍ଠାନିକ ଭାବେ ବ୍ଲକ ସଂଗଠନର ବ୍ଲକ ଉପଦେଷ୍ଟା ସାଥୀ ନନ୍ଦ ମହାପାତ୍ର ଉତ୍ତୋଳନ କଲା ପରେ ସମସ୍ତ ସାଥୀ ସହିଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ସମ୍ମିଳନୀରେ ପ୍ରଥମେ ଶହୀଦ ଙ୍କ ପ୍ରତି ଏକ ମିନିଟି ଶୋକ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସମ୍ମିଳନୀକୁ ସିଟୁର ଜିଲ୍ଲା ନେତ୍ରୀ ସାଥୀ ସଂଯୁକ୍ତା ସେଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରି କେନ୍ଦ୍ର ମୋଦୀ ସରକାର ରାଜ୍ୟ ମୋହନ ସରକାର ଙ୍କ ଶ୍ରମିକ, କୃଷକ,କର୍ମଚାରୀ ତଥା ଜନ ବିରୋଧି ନୀତି କୁ ତୀବ୍ର ସମାଲୋଚନା କରିଥିଲେ। ସରକାର ଶ୍ରମିକ ବିରୋଧି ୪ଟି ଶ୍ରମକୋଡ଼ କୁ ତୁରନ୍ତ ବାତିଲ କରିବାକୁ ଦାବୀ କରିଥିଲେ। କେନ୍ଦ୍ର ସରକାର ଙ୍କ ଆକାଶ ଛୁଆଁ ଦରଦାମ ବୃଦ୍ଧି, ଅମାନିଆ ଶ୍ରମିକ ସ୍ୱାର୍ଥ ଓ ଜନ ବିରୋଧି ନୀତି କୁ ଲଗାମ ଦେବା ସହ ଆଶାକର୍ମୀ ମାନଙ୍କ ଅଧିକାର ପାଇଁ ଦୃଢ଼ ଆନ୍ଦୋଳନ ଗଢିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଜିଲ୍ଲା ସଭାପତି ଚାପ ଧାରୀ ରାଉତ , କାଳନ୍ଦୀ ନାୟକ ପ୍ରମୁଖ ଆଶାକର୍ମୀ ଙ୍କୁ ନିୟମିତ କର୍ମଚାରୀର ମାନ୍ୟତା,୨୬୦୦୦ ଟଙ୍କା ମାସିକ ଦରମା,୧୦,୦୦୦ ଟଙ୍କା ମାସିକ ପେନସନ ଓ ସାମାଜିକ ସୁରକ୍ଷା ସରକାର ଯୋଗାଇ ଦେବାକୁ ଦାବୀ କରିଥିଲେ। ଏହି ସମ୍ମିଳନୀ ରେ ସମ୍ପାଦିକା ରେଣୁ ବାଳା ସାହୁ ଙ୍କ ଉପସ୍ଥାପିତ ସାଙ୍ଗଠନିକ ରିପୋର୍ଟ ଉପରେ ସାଥୀ ମାନେ ଆଲୋଚନା କରିଥିଲା ବେଳେ ଉପସ୍ଥିତ ବିଭିନ୍ନ ବ୍ଲକ କମିଟିର ନେତୃତ୍ୱ ମାନେ ସମ୍ମିଳନୀ ର ସଫଳତା କାମନା କରିଥିଲେ। ସମ୍ମିଳନୀରେ ନୂତନ ବ୍ଲକ ସଭାପତି ଭାବେ ପାଞ୍ଚାଳୀ ସାହୁ,ସମ୍ପାଦିକା ଭାବେ ଗୀତାଞ୍ଜଳି ନାୟକ,କୋଷାଧ୍ୟକ୍ଷ ଭାବେ ସୁଷମା ପ୍ରଧାନ,ଉପସଭାପତି ଭାବେ ରେଣୁବାଳା ଶାହୁ, ଲକ୍ଷ୍ମୀ ପ୍ରିୟା ଜେନା, ସନ୍ଧ୍ୟାରାଣୀ ସାହୁ ସହ ସମ୍ପାଦିକା ଭାବେ ରୁନୀ ସାହୁ ,ବନବାସୀ ବେହେରା, ପୁଷ୍ପଲତା ବେହେରା, ବିଜୟଲକ୍ଷ୍ମୀ ବେହେରା ଏବଂ ଉପଦେଷ୍ଟା ଭାବେ ନନ୍ଦ ମହାପାତ୍ର ନିର୍ବାଚିତ ହୋଇଥିଲା ବେଳେ ସଦସ୍ୟା ଭାବେ ପ୍ରତିମା ସାହୁ,ବିଜୟ ଲକ୍ଷ୍ମୀ ଚୌଧୁରୀ , ନଳିନୀ ପ୍ରଭା ସାହୁ, ଶାନ୍ତି ମଲ୍ଲିକ, ଚନ୍ଦ୍ରକାନ୍ତ ମଲ୍ଲିକ, ଗୀତାଞ୍ଜଳି ପରିଡ଼ା ମମତା ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଜିଲ୍ଲା ସଭାପତି ଚାପ ଧାରୀ ରାଉତ, ଜିଲ୍ଲା ନେତ୍ରୀ ସଂଯୁକ୍ତା ସେଠୀ, କାଳନ୍ଦୀ ନାୟକ,ମଙ୍ଗୁଳି ରାଉତ,ସରୋଜିନୀ ତ୍ରିପାଠୀ, ପ୍ରତିଭା ବେହେରା, ସରୋଜୀ ସାହୁ,ରୂପ ମଞ୍ଜରୀ ସାହୁ, ରିତା ସାହୁ, ସଂତୋଷିନି ସାହୁ, ସବିତା ପରିଡ଼ା,ମଞ୍ଜୁଲତା ପ୍ରଧାନ ପ୍ରମୁଖ ଉପସ୍ଥିତ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘର କାର୍ଯ୍ୟକାରୀଣୀ ବୈଠକ

ପାଟଣାଗଡ଼, (ମହାଭାରତ) : ସ୍ଥାନୀୟ ଗଣ୍ଡୱାନା ଭବନ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘର ସଭାପତି ଶ୍ରୀ ଶ୍ୟାମସୁନ୍ଦର ଭୋଇଙ୍କ ଅଧକ୍ଷତାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ବଲାଙ୍ଗୀରର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ୧୪ ଗୋଟି ବ୍ଲକର ବ୍ଲକ ସଭାପତି, ସମ୍ପାଦକ, ନାରୀ ନେତ୍ରୀ ମାନେ ସମାଜର ସାମ୍ପ୍ରତିକ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ ଏବଂ ଆଲୋଚନା କରିଥିଲେ । ରାଜ୍ୟରେ ନୂଆଁ ସରକାର ଆସିବା ପରେ ଆଦିବାସୀ ମାନଙ୍କୁ ସବୁଠାରୁ ଅଧିକ ଅଣଦେଖା କରାଯାଉଅଛି। ଯଦିଓ ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି ସେ ବିଗତ ଦେଢ଼ ବର୍ଷ ଭିତରେ ଆଦିବାସୀ ମାନଙ୍କର ବିକାଶ କରିବା ପରିବର୍ତ୍ତେ ଅଧିକ ବିନାଶ ମୂଳକ ପଦକ୍ଷେପ ହାତକୁ ନେଇଥିବାର ନଜର ସାମ୍ନାକୁ ଆସିଛି ବୋଲି ଆଦିବାସୀ ମାନେ ସଙ୍ଗୀନ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ନୂଆଁ ସରକାର ଆସିବା ପରେ ଗୋଟିଏ ହେଲେ ନକଲି ଆଦିବାସୀ ମାନଙ୍କ ଉପରେ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ଆଦିବାସୀ ମାନେ ପୂର୍ବ ସରକାର ଠାରୁ ପାଉଥିବା ସମସ୍ତ ଯୋଜନାକୁ ଏହି ସରକାର ଉଦ୍ଦେଶ୍ୟ ମୂଳକ ଭାବରେ ବନ୍ଦ କରିଦେଇଛନ୍ତି। ଯଥା -ରାଜ୍ୟରେ ଆଦିବାସୀ ମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଶୈକ୍ଷିକ ବିକାଶ ନିମନ୍ତେ ଗତ ସରକାର ଓଡିଶାରେ ସତନ୍ତ୍ର ଆଦିବାସୀ ବିକାଶ ପରିଷଦ ଗଠନ କରି ପ୍ରତ୍ୟେକ ବ୍ଲକକୁ ଆର୍ଥିକ ଅନୁଦାନ ଦେଉ ଥିଲେ। ବର୍ତମାନ ତାହାକୁ ବନ୍ଦ କରିଦିଆ ଯାଇଅଛି। ଗରିବ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ସହରରେ ମାଗଣାରେ ଇଂରାଜୀ ମିଡିୟମ ବେସରକାରୀ ବିଦ୍ୟାଳୟରେ ପଢ଼ାଇବା ପାଇଁ ଗତ ସରକାର ଅର୍ବାନ ଏଜୁକେସନ ପ୍ରୋଗ୍ରାମ ମାଧ୍ୟମରେ ଅନ୍ୱେଷା ଛାତ୍ରାବାସ ଯୋଜନା ପ୍ରତି ବ୍ଲକରେ ତିଆରି କରି ହଜାର ହଜାର ଛାତ୍ରଛାତ୍ରୀ ମାଗଣାରେ ଇଂରାଜୀ ମିଡିୟମ ବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ପାଇ ପାରୁଥିଲେ। ଏହି ସରକାର ତାହାକୁ ବନ୍ଦ କରି ଦେଇଛନ୍ତି। ବିଗତ ନାମଲେଖା ଋତୁରେ ନାମଲେଖା ପାଇଁ କୋଣସି ବିଜ୍ଞପ୍ତି ବାହାର କଲେ ନାହିଁ। ଫଳରେ ହଜାର ହଜାର ଆଦିବାସୀ ଛାତ୍ରଛତ୍ରୀ ଙ୍କର ସପ୍ନକୁ ଚୁରମାର କରି ଦେଲେ। ଆଦିବାସୀ ଜି. ଏନ. ଏମ. ନରସିଂ ଛାତ୍ରୀ ମାନେ ପାଉଥିବା ଛାତ୍ର ବୃତ୍ତିକୁ ଏ ସରକାର ବନ୍ଦ କରି ଦେଇଛି। ସ୍କୁଲ କଲେଜରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ବୃତ୍ତି ମଧ୍ୟ ଏ ସରକାର ବନ୍ଦ କରିବା ଷଡଯନ୍ତ୍ର ଚଳାଇଛନ୍ତି। ବର୍ତମାନର ସରକାର ହରିଶ୍ଚନ୍ଦ୍ର ଯୋଜନା ଭଳି ଏକ ସମ୍ବେଦନଶୀଳ ଯୋଜନାରେ ଅନୁକମ୍ପା ରାଶିକୁ କେତେ ମାସ ହେଲା ବନ୍ଦ କରି ଦେଇଛନ୍ତି। ସରକାର ବସିବା ଦିନ ଠାରୁ ଗୋଟିଏ ହେଲେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିପାରିନାହାନ୍ତି। ରାଜସ୍ୱ ମନ୍ତ୍ରୀ ନିଜକୁ ନିଜେ ଡିଣ୍ଡିମ ପିଟୁଥିବା ବେଳେ ଅଣ ଆଦିବାସୀଙ୍କ କବ୍ଜାରେ ଥିବା ଗୋଟିଏ ହେଲେ ଆଦିବାସୀ ଜମି,ଆଦିବାସୀଙ୍କୁ ଫେରେଇବାରେ ପୁରାପୁରି ବିଫଳ ହୋଇଥିବା ବେଳେ ସେଥିପାଇଁ କୌଣସି ଆଇନ ମଧ୍ୟ ଏପର୍ଯ୍ୟନ୍ତ ଆଣି ପାରିନାହାନ୍ତି। ବରଂ ସରକାର ନିଜେ ଆଦିବାସୀ ଜମି କୁ ଲୋଲୁପ ଦୃଷ୍ଟି ଦେଖି ସବୁ ଆଦିବାସୀ ଜମିକୁ କିପରି ହଡପ କରି ଆଦିବାସୀଙ୍କୁ ସର୍ବହରା କରିବାର ଯୋଜନା ଚିନ୍ତା କରିଛନ୍ତି, ଆଦିବାସୀ ଜମିକୁ ସରକାର ନିଜେ କିଣିବେ ବୋଲି ଆଇନ ଆଣିଛନ୍ତି ।ସରକାର ଉଚ୍ଚ ଶିକ୍ଷା ତଥା ମେଡିକାଲ ଏବଂ ଇଞ୍ଜିନିୟରିଙ୍ଗ ପାଠ ପଢିବା ପାଇଁ ୧୨%ବଦଳରେ ୨୩%ସଂରକ୍ଷଣ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।ସରକାରଙ୍କର ଏଭଳି ଆଦିବାସୀଙ୍କ ପ୍ରତି ହୀନ ମନ୍ୟ ଭାବନା, ଆଦିବାସୀ ମାରଣ ନୀତିକୁ ବୈଠକରେ କଡ଼ା ନିନ୍ଦା କରିବା ସଙ୍ଗେ ସଙ୍ଗେ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ଆଗାମୀ ଦିନରେ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ।ଆସନ୍ତା ପଞ୍ଚାୟତରାଜ ତ୍ରିସ୍ତରୀୟ ନିର୍ବାଚନରେ ସରକାର ପଶ୍ଚିମ ଓଡିଶାରେ ସରପଞ୍ଚ, ଜିଲ୍ଲା ପରିଷଦ ଅଧକ୍ଷ ଭଳି ପଦବୀ ରେ ସଂରକ୍ଷଣ ଲାଗୁ ନ କରନ୍ତି,ଖଣି ଖାଦାନ ନାମରେ ଆଦିବାସୀଙ୍କୁ ବିସ୍ଥାପିତ କରିବା, ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ନିଲାମ ପ୍ରତ୍ୟାହାର, ହରିଶଙ୍କର ଗନ୍ଧମାର୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ପାଇଁ ଆଇନ ଆଣିବା, ଆଦିବାସୀ ଜମି କୁ ହଡପ କରିବା, ସରକାରୀ ଜମି ରୁ ଆଦିବାସୀଙ୍କୁ ଉଚ୍ଛେଦ କରିବା ଆଦି ଆଦିବାସୀ ବିରୋଧୀ କାର୍ଯ୍ୟ ରୁ ନିବୃତ ନ ରହନ୍ତି, ତେବେ ସରକାର ବିରୋଧ ରେ ଦୁର୍ବାର ଆନ୍ଦୋଳନ କରିବାର ରଣହୁଙ୍କାର ଦେଇଛି ଆଦିବାସୀ କଲ୍ୟାଣ ସଙ୍ଘ ।ଆସନ୍ତା ନଭେମ୍ବର ୧୫ ଆଦିବାସୀ ସହିଦ ବୀର ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଉତ୍ସବ ବଲାଙ୍ଗୀର ଜିଲ୍ଲା ସ୍ତର ରେ ପାଳନ କରାଯିବ ଏବଂ ଆଦିବାସୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ବଳିତ ଦାବୀ ପତ୍ର ବଲାଙ୍ଗୀର ଜିଲ୍ଲା ପାଳ ଙ୍କ ମାଧ୍ୟମ ଦିଆଯିବ ବୋଲି ବୈଠକ ରେ ନିଷ୍ପତି ଗ୍ରହଣ କରାଗଲା। ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ପାଟଣାଗଡ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ବେଲପଡା ବ୍ଲକ ସଭାପତି ରସିକ ଧରୁଆ, ବଙ୍ଗମୁଣ୍ଡା ବ୍ଲକ ସଭାପତି ମନରଞ୍ଜନ ଭୋଇ, ଜିଲ୍ଲା ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସଇଁତଳା ପଞ୍ଚାନନ ଭୋଇ, ବଲାଙ୍ଗୀର ବ୍ଲକ ସଭାପତି ପଳେଶ୍ୱର ଭୋଇ, ଗୁଡଭେଲା ବ୍ଲକ ବିକ୍ରମ ଭୋଇ, ମୁରିବାହାଲ ବ୍ଲକ ରାଜୀବ କୁଅଁର, ଆଗଲ ପୁର ବ୍ଲକ ସଭାପତି ବଳଦେବ ଭୋଇ, ଦେଓଗାଁ ବ୍ଲକ ସଭାପତି ସୁରଥ ଧରୁଆ, ଟିଟିଲାଗଡ ନଗର ସଭାପତି ନିତ୍ୟାନନ୍ଦ ଭୋଇ, ଦିଲୀପ ମାଝୀ, ଅଚ୍ୟୁତ ଧରୁଆ, ନାରୀନେତ୍ରୀ କିରନ ଭୋଇ, ଗୀତାଞ୍ଜଳି ଧରୁଆ। ସଞ୍ଜୟ ଛତ୍ରିଆ, ଘନ ଭୁଏ, ଯୁଧିଷ୍ଠିର ମିର୍ଧା ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରିଥିଲେ। ମଦନ ମାଝୀ ଧନ୍ୟବାଦ ଦେଇଥିଲେ ।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମୁନିଗୁଡ଼ାରେ ଅମୃତ ଭାରତ ଟ୍ରେନର ସ୍ୱାଗତ

ମୁନିଗୁଡ଼ା,(ମହାଭାରତ):ମୁନିଗୁଡ଼ା ରେଳ ଷ୍ଟେସନ୍ ପ୍ରାଙ୍ଗଣରେ ଅମୃତ ଭାରତ ନୂତନ ଟ୍ରେନକୁ ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଗଲା। ବିଷମକଟକ ବିଧାୟକ ମାନ୍ୟବର ଶ୍ରୀ ନୀଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାକୁ ସମ୍ବୋଧନ କରିଥିଲେ ଏବଂ ନୂତନ ଟ୍ରେନକୁ ସବୁଜ ଝଣ୍ଡା ଦେଖାଇ ଯାତ୍ରାର ଶୁଭାରମ୍ଭ କଲେ। ବିଧାୟକ ମହୋଦୟ କହିଥିଲେ ଯେ, ଏହି ନୂତନ ଟ୍ରେନ ଚାଲୁ ହେବାରୁ ମୁନିଗୁଡ଼ା ଓ ବିଷମ କଟକ ସହ ଅଞ୍ଚଳର ଯାତ୍ରୀମାନେ ସହଜରେ ଯାତାୟାତ ସୁବିଧା ପାଇପାରିବେ। କାର୍ଯ୍ୟକ୍ରମରେ ରେଳ ବିଭାଗର କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।

## ସାହାରା ସାଜିଛି ଏମ୍ ଜି ଏମ୍ କମ୍ପାନୀ, ଦୂର ହେଲା ପାଣି ସମସ୍ୟା



ଓଡ଼ାପଡ଼ା(ମହାଭାରତ)ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ହଳଦିଆବାହାଳ ଠାରେ ୨୦୦୫ ମସିହାରେ ଜମି ଅଧିଗ୍ରହଣ କରିଥିଲା ଏମ୍ ଜି ଏମ୍ କମ୍ପାନୀୟ ଯେଉଁ କମ୍ପାନୀ ପାଇଁ ନୟାଭାଗିରଥିପୂର ପଞ୍ଚାୟତର ହଳଦିଆ ବାହାଳ ନିମିଧା ପଞ୍ଚାୟତର ନିମିଧା ଏବଂ ବିଡୋ ପଞ୍ଚାୟତର ଉପରପାଳର ଜମି ଅଧିଗ୍ରହଣ କରିଥିଲାୟ ପରବର୍ତ୍ତୀ ସମୟରେ ୨୦୦୭ ମସିହାରେ କମ୍ପାନୀ ଆରମ୍ଭ ହୋଇଥିଲା।ଯେଉଁ ଲୋକମାନେ ଦିନେ ପେଟକୁ ଦାନା ଟିକେ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ ନିଜ ଅଞ୍ଚଳରେ କମ୍ପାନୀ ହେବା ପରେ ଆଖପାଖ ଅଞ୍ଚଳର ଲୋକମାନେ ଏମ୍ ଜି ଏମ୍ କମ୍ପାନୀରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାଇଲେ।ଦୀର୍ଘ ବର୍ଷ ଧରି ସ୍ଥାନୀୟ ହଳଦିଆ ବାହାଳ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବାରମ୍ବାର ଏମ୍ ଜି ଏମ୍ କମ୍ପାନୀକୁ କୁହାଯାଇଥିଲା ଏନେଇ ଗ୍ରାମବାସୀ ମାନେ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିବାକୁ ମଧ୍ୟ ପଛାଇ ନଥିଲେ।ପରେ ଏମ୍ ଜି ଏମ୍ କମ୍ପାନୀ ଏହାକୁ ଗୁରୁତ୍ୱ ଦେବା ସହ ହଳଦିଆବାହାଳ ଗାଁରେ ଏକ ଓଭର ହେଡ ଟ୍ୟାଙ୍କ ନିର୍ମାଣ କରିଥିଲା।ଆଉ ଏବେ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିଛି।କେବଳ ସେତିକି ନୁହେଁ ଅ□ଳର ମଠ,ମନ୍ଦିର,ସ୍କୁଲ ଗୁଡିକୁ ଉନ୍ନତିକରଣ କରିବା ସହ ଅ□ଳରେ ଅଲୋକିକରଣ କରି ଗ୍ରାମବାସୀଙ୍କ ପାଇଁ ଦେବଦୂ□ ସାଜିଛି ଏମ୍ ଜି ଏମ୍ କମ୍ପାନୀୟ କମ୍ପାନୀ ଆରମ୍ଭ ହେବା ପରେ ଆଖପାଖ ଅଞ୍ଚଳର ଗାଁ ଗୁଡିକରେ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଏମ୍ ଜି ଏମ୍ କମ୍ପାନୀ ପ୍ରତ୍ୟେକ ଗାଁରେ ହେଲଥ କ୍ୟାମ୍ପ କରି ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖୁଥିଲା।ଆଉ କିଛିବର୍ଷ ହେବ ତାହା ଆଉ ହୋଇପାରୁନାହିଁ ଯାହା ଫଳରେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ପୁନର୍ବାର ଏମ୍ ଜି ଏମ୍ କମ୍ପାନୀ ପକ୍ଷରୁ ଗାଁ ଗୁଡିକରେ ହେଲଥ କ୍ୟାମ୍ପ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

## ଓଡିଶା ପ୍ରଶାସନିକ ପରୀକ୍ଷା ରେ ୧୧୭ ନମ୍ବର ର୍ୟାଙ୍କ ରେ ସଫଳତା ହାସଲ କଲେ ଆସିଫ ଖାନ

ପଡିଆ (ମହାଭାରତ)ଓଡିଶା ପ୍ରଶାସନିକ ପରୀକ୍ଷା ରେ ୧୧୭ନମ୍ବର ର୍ୟାଙ୍କ ରେ ସଫଳତା ହାସଲ କଲେ ମହମଦ ଆସିଫ ଖାନ। ସୀମାନ୍ତ ପଡିଆ ବ୍ଲକ ସଦର ଗ୍ରାମ ର ମହମଦ ଆଉବୁ ଖାନ ଙ୍କ ଚାରି ପୁତ୍ର ଗୋଟିଏ କନ୍ୟା ଙ୍କ ମଧ୍ୟରୁ ଦ୍ୱିତୀୟ ପୁତ୍ର ମହମ୍ମଦ ଆସିଫ ଖାନ। ଆସିଫ ଛୋଟ ବେଳ ରୁ ତାଙ୍କର ପାଠ ପଢା ଆଗ୍ରହ ଦେଖି ବାପା ଅଭାବ ମଧ୍ୟରେ ତାଙ୍କୁ ପଡୋଶୀ ଛତିଶ ଗଡରାଜ୍ୟ କୋଣ୍ଡା ରେ ପ୍ରଥମ ରୁ ତୃତୀୟ ପର୍ଯ୍ୟନ୍ତ ପାଠ ପଢ଼ାଇଥିଲେ, ଅର୍ଥ ଅଭାବ ରୁ ସେଠାରୁ ଆଣି ପଡିଆ ମଟୁମଗୁଡା ପ୍ରାଥମିକ ବିଦ୍ୟାଳୟ ରେ ଚତୁର୍ଥ ରୁ ଷଷ୍ଠ ପର୍ଯ୍ୟନ୍ତ ପଢାଇ ପରେ ସପ୍ତମ ଶ୍ରେଣୀ ରେ ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଭର୍ତ୍ତି କରିଥିଲେ, ଆସିଫ ବିଦ୍ୟାଳୟ ର ସମସ୍ତ ଶ୍ରେଣୀ ପରୀକ୍ଷା ରେ ପ୍ରଥମ ସ୍ଥାନ ରଖି ପାସ କରୁଥିଲେ, ଦଶମ ଶ୍ରେଣୀ ପରୀକ୍ଷା ରେ ଭଲ ନମ୍ବର ରଖି ପାସ କରିବା ପରେ ନବୋଦୟ ବିଦ୍ୟାଳୟ ରେ ପଢିବା ପାଇଁ ମନୋନୀତ ହୋଇ ଯୁକ୍ତ ଦୁଇ ଠାରୁ ଯୁକ୍ତ ତିନି ପଢ଼ି ବା ପରେ ପରିବାର ର ଆର୍ଥିକ ଅବସ୍ଥା ଦେଖି ପାଠ ପଢା ଛାଡି ବେଙ୍ଗାଲୁରୁ ଯାଇ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରି ପରିବାର ପିତା ମାତା ଭାଇ ଭଉଣୀ ମାନଙ୍କୁ ବୋଝ ଉଠାଇ ଥିଲେ। ଏହାରି ମଧ୍ୟରେ ରେ ଆଇଏଏସ, ଇଚ୍ଛା କରିଥିଲେ କିନ୍ତୁ ଅର୍ଥ ବାଧକ ସାଜିଥିଲା ହେଲେ ବି ସେ ପଛ ଘୁଞ୍ଚା ଦେଇ ନଥିଲେ,ମୋବାଇଲ ସାହାଯ୍ୟ ରେ ଅନ ଲାଇନ ରେ ପଢ଼ି ଆଇପିଏସ ପରୀକ୍ଷା ଦେଇଥିଲେ, ସେଥିରେ ସଫଳ ହୋଇ ପାରି ନଥିଲେ, କିନ୍ତୁ ମନର ଦୃଢ଼ତା ତାଙ୍କୁ ଆଗକୁ ନେଇଥିଲା, ଏଥି ମଧ୍ୟରେ ତାଙ୍କର ପିତା ଆଉ ବୁ ଖାନ ଙ୍କ କିଡ୍ନୀ ଜନିତ ରୋଗ ରେ ପୀଡିତ ହୋଇ ଗଲେ ତାଙ୍କର ମନ ବଳ ଭାଙ୍ଗି ପଡି ଥିଲା,ପରେ ପିତା ମାତା ଙ୍କୁ ନିଜ ପାଖରେ ରଖି ବାପା ଙ୍କ ଚିକିତ୍ସା କରାଇବା କୁ କେବେ ଅବହେଳା କରି ନଥିଲେ, କମ୍ପାନୀ ରେ କାମ ସହ ସମୟ କାଢି ନିଜର ଓ ଏସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉ ଥିଲେ ଏବଂ ପରୀକ୍ଷା ଦେଇଥିଲେ, ଛଅ ସହ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ଆସିଫ ୧୧୭ନମ୍ବର ର୍ୟାଙ୍କ ରଖି ସଫଳତା ହାସଲ କରି ଗୌରବ ଅର୍ଜନ କରିଥିବାରୁ ମାଲକାନଗିରି ଜିଲ୍ଲା ର ସୀମାନ୍ତ ଅଞ୍ଚଳ ଗୌରଭ ଅନୁଭବ କରୁଛି, ଆସିଫ ପଡିଆ ବ୍ଲକ ର ଗୌରବ ଅର୍ଜନ କରିଥିବାରୁ, ତାଙ୍କର ପିତା ଆୟୁବ ଖାନ ମାତା ରେହମତ ବେଗମ ଏବଂ ସମସ୍ତ ପଡିଆ ଅଞ୍ଚଳ ବାସି ଖୁସି ହୋଇଥିବା ବେଳେ ପରିବାର କୁ ସୂବେଚ୍ଛା ସୁଅ ଛୁଟୁଛି, ଆସିଫ ପରୀକ୍ଷା ରେ ସଫଳତା ପାଇ କାର୍ଯ୍ୟ ରତ ଥିବା ହାଇଦ୍ରାବାଦ ଆଇଟିସି କମ୍ପାନୀ ରୁ ଘରକୁ ଫେରୁଛନ୍ତି, ଆସନ୍ତା କାଲି ସକାଳେ ନିଜ ଘର ପଡିଆ ରେ ପହଞ୍ଚିବେ, ତାଙ୍କର ଫେରିବା ବାଟ କୁ ପରିବାର ବର୍ଗ ସହ ଗ୍ରାମ ବାସି ମାନେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ତାଙ୍କର ପିତା ସାପ୍ତାହିକ ହାଟ ରେ ବୁଲି ବୁଲି ମହିଳା ମାନଙ୍କ ଇମିଟେସନ ର ପାଉଁଜି, କାନ ଫୁଲ , ସାମଗ୍ରୀ ବିକ୍ରି କରି ପରିବାର ପୋଷଣ କରୁଥିଲେ, ଦୀର୍ଘ ତିନି ବର୍ଷ ହେଲା କିଡନୀ ଜନିତ ରୋଗ ରେ ପୀଡିତ ହୋଇ ଏବେ ଡ଼ାଇଲୋସିସ ହେଉଛନ୍ତି ସମସ୍ତ ଖର୍ଚ୍ଚ ଆସିଫ ବହନ କରୁଥିବା ଜଣା ଯାଇଛି ।

# ରାସ୍ତା ମଝିରେ ଅଟକିଛି ଜୀବନ ରେଖା



ଦାନଗଦି: (ମହାଭାରତ ): କଳିଙ୍ଗନଗର ଦାନଗଦି ମୁଖ୍ୟ ରାସ୍ତା ମଝିରେ ଦୀର୍ଘଦିନ ହେବ ଖାଲଖମାରେ ପରିପୂର୍ଣ ରହିଥିବାବେଳେ ରାସ୍ତା ମଝିରେ ଦୁଇ ମିଟର ଚୋଉଡା ସାଙ୍ଗକୁ ଦୁଇ ଫୁଟ ର ପୁଷ୍କରିଣୀ ଗଢିଉଠିଛି ଏହି ମୁଖ୍ୟ ରାସ୍ତା କଳିଙ୍ଗନଗର ଇନ୍ଦର୍ଷ୍ଟ୍ରୀ ର ମୁଖ୍ୟ ରାସ୍ତା ହୋଇଥିବାବେଳେ ଏହି ରାସ୍ତାଦେଇ ଯାତାୟତ କରୁଥିବା ଯାତ୍ରୀ ଠାରୁ ସାଧାରଣ ଲୋକେ ଓ ହଜାର ହଜାର ସଂଖ୍ୟାରେ ଶ୍ରମିକ କାରଖାନାକୁ ଗମନା ଗମନ କରିବାରେ ଅନେକ ସମସ୍ୟା ବାଧାପ୍ରାପ୍ତ ହେଉଛି । ବର୍ଷା ଅସରାଏ ହେଲେ କଥା ସରିଲା ପାଣି ରେ ପରିପୂର୍ଣ ଏହି ଖାଲ ଟି ସମ୍ପୂର୍ଣ ସମତଳ ହୋଇଯାଇ ରାସ୍ତା ସହିତ ସମତଳ ହୋଇଯାଉଛି। ଅଚାନକ ଯେ କେହିବି ଜାଣତରେ ହେଉ ବା ଅଜାଣତରେ ଦୁର୍ଘଟଣାର ଶୀକାର ହେବାର ସମ୍ଭାବନା ରହିଛି । ଏହାର ସ୍ଥାୟୀବ ମରାମତି ଆବଶ୍ୟକୀୟ ମନେକରୁଛି। କାରଖାନାର ମାଲିକାନା ସହ ପ୍ରଶାସନ ଏହାର ସମାଧାନ ଆବଶ୍ୟକୀୟ ମାନେ କରୁଥିବାବେଳେ। ଏହା ତୁରନ୍ତ କାର୍ଯ୍ୟ କରିବା ଆବଶ୍ୟକ ଏହାର ସ୍ଥାୟୀବ ସମାଧାନ ନକଲେ ଆଗକୁ ବୋହୁ ସମସ୍ୟା ସହ ଦୁର୍ଘଟଣାର ଶୀକାର ହେବେ ଯାତାୟତ କରୁଥିବା ଯାତ୍ରୀମାନେ କଳିଙ୍ଗନଗର ଏହି ମୁଖ୍ୟ ରାସ୍ତା ରେ ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଏହାର ତୁରନ୍ତ କାର୍ଯ୍ୟକାରୀ ହେଲେ ଅଳ୍ପକେ ଦୁର୍ଘଟଣା ରୁ ବର୍ତ୍ତି ପାରାନ୍ତେ ଜନସାଧାରଣ।

## ୬୮ତମ ଆର୍ନ୍ତଜାତିୟ ବଧିର ସପ୍ତାହ-୨୦୨୫ ପାଳିତ

ଅନୁଗୁଳ (ମହାଭାରତ): ତମ ରିଖ, ଅନୁଗୁଳ ଜିଲ୍ଲା ବଧିର ସଂଘ ତରଫରୁ ଆନ୍ତର୍ଜାତିୟ ବଧିର ସପ୍ତାହ ପାଳିତ ହୋଇଯାଇଅଛି। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୂକ ଓ ବଧିର ଭାଇ ଭଉଣୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଯାହାକୁ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲ ।ଆର୍ନ୍ତଜାତିକ ବଧୂର ସପ୍ତାହ ବିଶ୍ ବଧୂର ସଂଘର ଏକ ପ୍ରାରମ୍ଭିକ ପ୍ରଚେଷ୍ଟା ଏବଂ ଏହି ପ୍ରଚେଷ୍ଟା ସର୍ବପ୍ରଥମେ ଇଟାଲୀର ରାଜଧାନୀ ରୋମ୍ରେ ୧୯୫୮ ମସିହାରେ ବାସ୍ତବ ରୂପ ନେଇଥିଲା । ସେହିଦିନଠାରୁ ବିଶ୍ ବଧିର ସଂପ୍ରଦାୟ ପ୍ରତିବର୍ଷ ଏହି ସପ୍ତାହ ପାଳନ କରିଆସୁଛି । ଆର୍ନ୍ତଜାତିୟ ବଧୂର ସପ୍ତାହ ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ କରାଯାଇଥାଏ।ଏହି ଅବସରରେ ପଦଯାତ୍ରା, ତର୍କ ପ୍ରତିଯୋଗିତା, ପ୍ରଚାର ଅଭିଯାନ ହୁଏ ଏବଂ ଏଥିରେ ମୂକ, ବଧୂର ଭାଇ ଭଉଣୀମାନଙ୍କର ପରିବାର, ସରକାରୀ ସଂସ୍ଥାର କର୍ମକର୍ତା, ମୂକ ବଧୂରଙ୍କ ପାଇଁ କାମ କରୁଥିବା ପେସାଦାର ସାଙ୍କେତିକ ଭାଷା ଅନୁବାଦକ ଆଦି ବିଭିନ୍ନ ଭିନ୍ନକ୍ଷମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ।ଆର୍ନ୍ତଜାତିକ ବଧୂର ସପ୍ତାହର ଉଦ୍ଦେଶ୍ୟ ହେଲା ମୂକ ବଧୂରମାନଙ୍କୁ ଏକାଠି କରିବା ଏବଂ ସେମାନେ ଯେ ଏକ ଓ ଅଭିନ୍ନ ଏହା ଅବଶିଷ୍ଟ ବିଶ୍ୱବାସୀଙ୍କୁ ଜଣାଇବା ।ଆର୍ନ୍ତଜାତିକ ବଧୂର ସପ୍ତାହରେ ବଧୂର ବ୍ୟକ୍ତିମାନଙ୍କର ଅଧିକାର କିପରି ପ୍ରସାରିତ ହୋଇପାରିବେ ସେ ଦିଗରେ ଉଦ୍ୟମ ହୁଏ ଏବଂ ର୍ନିଦ୍ଦିଷ୍ଟ ମାନବିକ ଅଧିକାର ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଜିର ବାର୍ଷିକ ସମ୍ମିଳନୀରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।ଏହା ଅନୁଗୁଳର ୧୧ତମ ବାର୍ଷିକ ବଧୂର ସମ୍ମିଳନୀ ଥିଲା ।ଏହି ସମ୍ମିଳନୀରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର,ଦୁର୍ଗା ହୋଟେଲ୍ ମ୍ୟାନେଜର ସୁନିଲ୍ କୁମାର ସାହୁ ଓ ଓଡିଶା ବଧିର ସଂଘର ଉପାଧ୍ୟକ୍ଷ ମନୋରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନୁଗୁଳ ଜିଲ୍ଲା ବଧିର ସଂଘର ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜି ହୋତା ଓ ଉପ ସଭାପତି ସନ୍ତୋଷ ବେହେରା ,ସାଂକେତିକ ଭାଷା ଉପସ୍ଥାପକ ସମୀର କୁମାର ନାୟକ ଓ ବଧିର ସଂଘ ସଦସ୍ୟ ଇତିଶ୍ରୀ ଗଡ଼ନାୟକ ପ୍ରମୁଖ ମ□ାସିନ ଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବଧିର ମାନଙ୍କୁ ପୁରସ୍କାର ବିତରଣ ହୋଇଥିଲା।

### ପୋଲିସ ଓ ବନ ବିଭାଗର ମିଳିତ ଚଢାଉ

## ୩ ହାତୀ ଦାନ୍ତ ଜବତ ୪ ଗିରଫ୍

କେନ୍ଦୁଝର, (ମହାଭାରତ): ହାତୀ ଦାନ୍ତ କାରବାର ବେଳେ ପୋଲିସ ଓ ବନ ବିଭାଗ ମଳିତ ଭାବେ ଚଢାଉ କରି ଏକ ବଡ ଆନ୍ତଃ ରାଜ୍ୟ ର୍ୟାକେଟକୁ ଧରିବାରେ ସକ୍ଷମ ହୋଇଛି । ସେମାନଙ୍କ ଠାରୁ ୩ ଟି ହାତୀ ଦାନ୍ତ ଏବଂ ୩ ଟି ମୋବାଇଲ ଫୋନ ଜବ୍ କରାଯାଇଛି । ଏକ ଗୁପ୍ତ ସୂଚନା ଆଧାରରେ ଗତ ୨୬ ତାରିଖ ରାତି ପ୍ରାୟ ୯ଟା ବେଳେ ସଦର ଥାନା ଅନ୍ତର୍ଗତ ତଳକାଇପୁର କ୍ରସର ନିକଟରେ ଉଭୟ ବିଭାଗ ଚଢାଉ କରି ୨ଜଣଙ୍କୁ କାବୁ କରିଥିଲା । ସେମାନଙ୍କୁ ପଚରାଉଚୁରା ପରେ ୨୭ ତାରିଖ ଦିନ ଆଠମଲ୍ଲିକ ଫରେଷ୍ଟ ଡିଭିଜନର ପ୍ରଦୀପ କୁମାର ସିଂ ଏବଂ ଆଜି ପ୍ରତାପ ବେହେରା(୩୬) ଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୫୧ ସେଣ୍ଟିମିଟର ଲମ୍ବ ୨ କିଲୋ ୨୬ ଗ୍ରାମ,୨୮ ସେଣ୍ଟିମିଟର ଲମ୍ବ ୬୦୦ ଗ୍ରାମ ଏବଂ ୨୦ ସେଣ୍ଟିମିଟର ଲମ୍ବ ୩୮୭ ଗ୍ରାମର ୩ ଟି ହାତୀ ଦାନ୍ତ ଜବ୍ କରିଛି । ଏହି ଘଟଣାରେ ଆଉ ଜଣେ ଫେରାର ଥିବା ଡିଏଫ୍ଓ ଧନରାଜ ଏଚ୍ଚି ଆଜି ଅନୁଷ୍ଠିତ ପ୍ରେସ ମିଟରେ ସୂଚନା ଦେଇଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ କଟକ ଆଲିଶା ବଜାର ଅଂଚଳର ବୀରକିଶୋର ବେହେରା(୫୩),ଅନୁଗୁଳ ଜିଲ୍ଲା ପାରାବିଲ ଅଂଚଳର ଅରୁଣ କୁମାର ସାହୁ(୩୫),ଅନୁଗୁଳ ଜିଲ୍ଲା ଭଗାମୁଣ୍ଡା ଅଂଚଳର ପ୍ରଦୀପ କୁମାର ସିଂ,ପାଇକସାହି ଅଂଚଳର ପ୍ରତାପ ବେହେରା(୩୬)ଙ୍କୁ ଗିରଫ କରିଛି । ଏହି ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ତଦନ୍ତ ବେଳେ ଜଣାପଡିଥିଲା ଯେ, ଚାରିଟି ହାତୀ ଦାନ୍ତ ବିକ୍ରୀ ପାଇଁ ଆଣିଥିବାବେଳେ ଗୋଟିଏ ହାତୀ ଦାନ୍ତର ପତ୍ତା ମିଳିନାହିଁ । ବନ ବିଭାଗ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ମାମଲା ରୁଜୁ କରିଛି । କେସ ନମ୍ବର ୩୪ ବିଜେ ଅଫ୍ ୨୦୨୫-୨୬ରେ ଦଫା ୨(୧୬),(୩୧), ୯,୩୯(୩),୪୪,୪୯(ଏ) ଏବଂ ୪୯(ବି) ଅନୁଯାୟୀ ମାମଲା ମାମଲା ରୁଜୁ କରିଛି । ଡିଏଫ୍ଓ ଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ପ୍ରେସ ମିଟରେ ଡିଏଫ୍ଓ ଧନରାଜ ଏଚ୍ଚିଙ୍କ ବ୍ୟତୀତ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଦାୟିତ୍ୱରେ ଥିବା ଆଇଏଫ୍ଏସ୍ ପ୍ରୋବେସନର ପ୍ରତୀକ ଇଣ୍ଡଲକର,ଏସିଏଫ୍ ପ୍ରଦୀପ୍ତ କୁମାର ପଣ୍ଡା,ସଦର ଥାନା ଅଧିକାର ଅମିତ କୁମାର ଭୂୟାଁ,ରେଞ୍ଜର ନୟନକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ୩ ଟି ହାତୀ ଦାନ୍ତ ୪ଟି ହାତୀର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଆଠମଲ୍ଲିକ ଫରେଷ୍ଟ ଡିଭିଜନରେ ଏହି ଦନ୍ତା ହାତୀ ମାରି ଦାନ୍ତ ଲୁଟ କରିଥିବା ସନ୍ଦେହ କରାଯାଉଛି । ଜବତ ୩ ଟି ହାତୀ ଦାନ୍ତ ମଧ୍ୟରୁ ଗୋଟିଏ ପ୍ରାପ୍ତ ବୟସ୍କ ଦନ୍ତା ହାତୀର ଏବଂ ଅନ୍ୟ ୨ଟି ମଧ୍ୟମ ବୟସ୍କ ହାତୀର ବୋଲି ଜଣାପଡିଛି ।

## ଗଜପତିରୁ ୫ ଜଣ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହେଲେ

ପାରଳାଖେମୁଣ୍ଡି(ମହାଭାରତ): ନିକଟରେ ସିଭିଲ ସର୍ଭିସ ପରୀକ୍ଷାର ପରୀକ୍ଷାଫଳ ପ୍ରକାଶିତ ହୋଇଛି।ଏଥିରେ ଗଜପତି ଜିଲ୍ଲାର ୫ ଜଣ ସଫଳତା ଲାଭ କରିଛନ୍ତି।ସେମାନଙ୍କ ମଧ୍ୟରୁ ସବ୍ୟସାଚୀ ପଟ୍ଟନାୟକ(୧୩୨), ପୂଜା ସାମଲ(୧୫୭),ଅଭିୟମ୍ ମଣ୍ଡଳ(୩୦୨),ଦୀପ୍ତି ରାଣୀ ନାୟକ(୩୩୨) ଏବଂ ପ୍ରଯୁକ୍ତା ଶବର(୩୭୮) ସଫଳତା ହାସଲ କରିଛନ୍ତି।ସବ୍ୟସାଚୀଙ୍କ ଘର ପାରଳାଖେମୁଣ୍ଡି କରଣ ସାହିରେ ଅଟେ।ସେ ସ୍ଥାନୀୟ ସେଂଚୁରିୟନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଏମ୍.ଏସ୍. ଏସ୍.ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲଚରରୁ ଏମ୍.ଏସ୍.ସି. (ଏଜି)ପାସ୍ କଲାପରେ ପିଏଚ୍ ଡି କରୁଥିଲେ। ନିଜର ତୃତୀୟ ଚେଷ୍ଟାରେ ଓଏଏସ୍ ପାଇଲେ।ସେହିପରି ପୂଜା ସାମଲ କୃଷି ବିଶ୍ୱବିଦ୍ୟାଳୟ ରୁ ଗ୍ରାଜୁଏଟ୍ ହେଲାପରେ ନିଜର ପ୍ରଥମ ଚେଷ୍ଟାରେ ଓଏଏସ୍ ପାଇଛନ୍ତ। ତାଂକର ଘର ଗଜପତି ଜିଲ୍ଲା ଗୁରାଣ୍ଡି ଗ୍ରାମ ଅଟେ ଏବଂ ପ୍ରଯୁକ୍ତା ଶବର ଘର ଏସ୍. ରାଉତପୁର ଗ୍ରାମରେ। ଉଭୟଂକ ଘର ଗୋଷାଣି ବ୍ଲକରେ ଅବସ୍ଥିତ।ଅଭିୟମ୍ଂକ ଘର ତାଳମୁଣ୍ଡା ଏବଂ ଦୀପ୍ତିରାଣୀ ନାୟକ ଘର ମୁରେଇସାହି ଗ୍ରାମରେ। ଉଭୟଂକ ଘର ଗଜପତି ଜିଲ୍ଲା ରାୟଗଡ ବ୍ଲକରେ ଅବସ୍ଥିତ।

## ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ଓଏସ ଙ୍କୁ ସମ୍ବର୍ଦ୍ଧନା

ଆସିକା (ମହାଭାରତ): ଚଳିତ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ସାରା ଓଡ଼ିଶାରେ ୧୧୫ତମ ସ୍ଥାନ ହାସଲ କରି ଆସିକା ପାଇଁ ଗୌରବ ଆଣିଥିବା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଦିଲ୍ଲିପ କୁମାର ପରିଡ଼ା ତଥା ଶିକ୍ଷୟିତ୍ରୀ ଶ୍ରୀମତୀ ଉର୍ମିଳା କୁମାରୀ ପରିଡ଼ା ଙ୍କ ସୁକନ୍ୟା ସୁଶ୍ରୀ ମାମିନୀ କୁମାରୀ ପରିଡ଼ାଙ୍କୁ ଆଜି ମିଳିତ ପ୍ରାଥମିକ ଶିକ୍ଷକ ସଂଘ,ଆସିକା ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା , ଅଭିନନ୍ଦନ ତଥା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା ଏବଂ ଭବିଷ୍ୟତରେ ଜଣେ ଦକ୍ଷ ପ୍ରଶାସିକା ହୋଇ ଆସିକା ଅଞ୍ଚଳ ତଥା ସାରା ଓଡିଶା ପାଇଁ ସୁନାମ ଅର୍ଜନ କରିବେ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇ ଥିଲା ।ଏହି ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଶ୍ରୀ ରାମନାଥ ପଟ୍ଟନାୟକ, ଶ୍ରୀ ବିଚିତ୍ର ବିହାରୀ ଦାସ,ସଭାପତି ଶ୍ରୀ ସନ୍ତୋଷ କୁମାର ସେଠୀ, ସମ୍ପାଦକ ସରୋଜ କୁମାର ନାୟକ, ଉପ ସଭାପତି ଶିବ ଶଙ୍କର ଜେନା, ସଭ୍ୟ ପ୍ରଶାନ୍ତ କୁମାର ବେହେରା, ସମୀର କାନ୍ତ ନାୟକ ସାମିଲ୍ ହୋଇଥିଲେ।

## ଭଣ୍ଡା ଗଛ ରେ ଆତ୍ମହତ୍ୟା ବଢୁଛି ସନ୍ଦେହ, କାରଣ ଅସ୍ପଷ୍ଟ !

ଅସ୍ତରଙ୍ଗ(ମହାଭାରତ) :ଗତ ଚାରି ତାରିଖ ରେ ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ସାନ ସିରେଇ ଗ୍ରାମ ରୁ ଆସିଥିଲା ଏକ ଅଭାବନୀୟ ଘଟଣା, ସୂଚନା ମୁତାବକ ଉଦୟପୁର ଗ୍ରାମ ର ହରିହର ପ୍ରଧାନ ଏକମାତ୍ର ପୁଅ ବୁଧେଶ୍ୱର ପ୍ରଧାନ ବମ୍ବେ ରେ ଶ୍ରମିକ ହିସାବରେ କାମ କରୁଥିଲେ, ସେ ଅସ୍ତରଙ୍ଗ ଆସିଥିଲେ ଛୁଟି ରେ ମାତ୍ର ନିଜ ଘର ଉଦୟପୁର କୁ ନଯାଇ ସିଧା ନିଜ ମଉସା ରବୀନ୍ଦ୍ର ସାହୁ ଙ୍କ ଘରକୁ ଆସିଥିଲେ,ମାତ୍ର ୪ ତାରିଖ ରେ ମଉସା ପୁଅ ସୁନୀଲ ସାହୁ ତାଙ୍କ ବାଡ଼ିରେ ଭଣ୍ଡା ଗଛ ରେ ଦୁଇ ଟି ଗାମୁଛା ମାଧ୍ୟମ ରେ ଝୁଲନ୍ତା ଅବସ୍ଥା ରେ ଦେଖିଥିଲେ, ସୁନୀଲ ଗାମୁଛା ଖୋଲିବାକୁ ପ୍ରୟାସ କରିଥିଲେ ଆଉ ବୁଧେଶ୍ୱର ତଳେ ପଡ଼ିଥିଲେ, ସୁନୀଲ ଙ୍କ କହିବା ମୁତାବକ ସେତେବେଳେ ତାଙ୍କ ମଉସା ପୁଅ ଭାଇ ବୁଧେଶ୍ୱର ଙ୍କ ଜୀବନ ଥିଲା ମାତ୍ର ହଠାତ ଚାଲିଗଲା, ଏହାପରେ ବୁଧେଶ୍ୱର ଙ୍କ ପରିବାର ତରଫରୁ ଅସ୍ତରଙ୍ଗ ଥାନା ରେ ଏତଲା ହୋଇଥିଲା, ଘଟଣା ସ୍ଥଳେ ସାଇଣ୍ଟିଫିକ୍ ଟିମ୍ ଓ ଅସ୍ତରଙ୍ଗ ପୋଲିସ ତଦନ୍ତ କରିଥିଲେ, ଏହି ଘଟଣା କୁ ନେଇ ସାଧରଣ ରେ ଏହା ହତ୍ୟା ହୋଇଥାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ କହୁଛି ହ୍ୟାଙ୍ଗିଗ, ଏହାକୁ ନେଇ ଲୋକ ମାନଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି, ରିପୋର୍ଟ ହୋଇଥାଇ ପାରେ ହ୍ୟାଙ୍ଗିଗ ମାତ୍ର କିପରି ହ୍ୟାଙ୍ଗିଗ ହୋଇଛି ତାହା ଅସ୍ପଷ୍ଟ ରହିଛି, ଭଣ୍ଡା ଗଛ ରେ ଏଭଳି ଘଟଣା କୁ ସାଧାରଣ ରେ ଲୋକ ଗ୍ରହଣ କରି ପାରୁନଥିବା ବେଳେ ଏହି ଘଟଣା କୁ ନେଇ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର କହିଛନ୍ତି କଣ ପାଇଁ ଯୁବକ ଏହିଭଳି ଘଟଣା ଘଟାଇଛନ୍ତି ତାହାକୁ ନେଇ ବର୍ତ୍ତମାନ ତଦନ୍ତ ଚାଲିଛି, ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ବେଳେ ଏହି ଘଟଣା ଉପରୁ କେବେ ପରଦା ହଟିବ ତାହା କୁ ସାଧାରଣ ରେ ଅପେକ୍ଷା ।

# ବିଶ୍ୱ ଜଳାତଙ୍କ ଦିବସରେ ଟୀକାକରଣ ଏବଂ ସଚେତନତା କାର୍ଯ୍ୟକ୍ରମ

## କେନ୍ଦୁଝର ସହରରେ ବୁଲା କୁକୁର ବନ୍ଧ୍ୟାକରଣ କରାଯିବ




କେନ୍ଦୁଝର,(ମହାଭାରତ): କେନ୍ଦୁଝର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ସଭାଗୃହ ପରିସରରେ ବିଶ୍ୱ ଜଳାତଙ୍କ ଦିବସ - ୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ ପୌରପାଳିକାର ପୌରାଧ୍ୟକ୍ଷ ନିକୁ ସାହୁ ଯୋଗ ଦେଇ କହିଥିଲେ । ସମ୍ମାନୀତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ ଜଳାତଙ୍କର ଭୟାବହତା ଏବଂ କୁକୁରମାନଙ୍କର ନିୟମିତ ଟିକାକରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେନ୍ଦୁଝରଗଡ ପୌରପାଳିକାର ର୍ନିବାହୀ ଅଧିକାରୀ ଲଳିତ କୁମାର ନାୟକ କେନ୍ଦୁଝର ସହରରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ ଯ କୁକୁର ବନ୍ଧ୍ୟାକରଣ ପାଇଁ ୨ନମ୍ବର ୱାର୍ଡରେ ଜମି ଚିହ୍ନଟ କରାଯାଇ ଆନିମଲ ବାର୍ଥ କଣ୍ଟ୍ରୋଲ କେନ୍ଦ୍ର ପ୍ରତିଷ୍ଠା କରାଯିବ । ସେହିପରି ଗୋପାଳକମାନେ ଗାଈଗୋରୁଙ୍କୁ ରାସ୍ତାକୁ ନ ଛାଡିବା ପାଇଁ ଅନୁରୋଧ କରିଥିଲେ। ଏଥିରେ ବ୍ୟତିକ୍ରମ ହେଲେ ପୌର ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି ,ଏନଜିଓ ଇଣ୍ଡିଆ ଡେଭଲେପମେଂଟର ସମ୍ପାଦକ ଗୋକୁଳାନନ୍ଦ ଓଝା ଯୋଗ ଦେଇ ଜଳାତଙ୍କ ରୋଗରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ କହିଥିଲେ। ଜଳାତଙ୍କ ରୋଗ ବିଲୁଆ,ଗଧିଆ, କୁକୁର, ନେଉଳ,ବାଦୁଡି ପ୍ରଭୃତି ପ୍ରାଣୀଙ୍କୁ ସଂକ୍ରମଣ କରୁଥିବା ଏକ ଭୂତାଣୁ ଜନିତ ରୋଗ ବୋଲି କହିଥିଲେ । ସଂକ୍ରମିତ ପ୍ରାଣୀ ଅନ୍ୟ ପ୍ରାଣୀ ବା ମନ୍ୟୁଷକୁ କାମୁଡିଲେ କିମ୍ବା ଅନ୍ୟ ପ୍ରାଣୀ ବା ମନ୍ୟୁଷ ସଂକ୍ରମିତ ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥ ଏହି ରୋଗ କାହାକୁ ହୋଇଛି ଏବଂ ଆମ୍ଭେ କିପରି ଜାଣିବା ସେ ସମ୍ପର୍କରେ କହିଥିଲେ । ସଂକ୍ରମିତ ପ୍ରାଣୀ ବା ମନ୍ୟୁଷ ପାଣି ପିଇବା ପାଇଁ ଚେଷ୍ଟା ସ□ ପାଣି ପିଇ ନ ପାରିବା,ଗୃହ ପାଳିତ ପଶୁ ନିଜ ମାଲିକଙ୍କୁ ଚିହ୍ନି ନ ପାରିବା ଓ ଏହି ରୋଗରେ ଆକ୍ରାନ୍ତ ପ୍ରାଣୀ ମାରିବାକୁ ଗୋଡାଇବା,ଖାଦ୍ୟ ଖାଇ ନ ପାରିବା,ପାଟିରୁ ଅନବରତ ଲାଳ ବାହାରିବା ଏବଂ ଅସ୍ତବ୍ୟସ୍ତ ହେବା ଏହାର ଲକ୍ଷଣ ବୋଲି କହିଥିଲେ। ବିଶ୍ୱ ଜଳାତଙ୍କ ଦିବସ-୨୦୨୫ ପାଳନ ଅବସରରେ କୁକୁରମାନଙ୍କ ପାଇଁ ମାଗଣାରେ ଟୀକାକରଣ ଶିବିର ଆୟୋଜନ କରାଯାଇଥିଲା । ଏହି ଟୀକାକରଣ ଶିବିରରେ ୧୫୦ଟି କୁକୁରଙ୍କୁ ମାଗଣାରେ ଟୀକା ଦିଆଯାଇଥିଲା । ଶେଷରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ,କେନ୍ଦୁଝର ଡାକ୍ତର ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଯ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ପ୍ରାଣୀ ବିକାଶ) ଡାକ୍ତର ପ୍ରସନ୍ନ କୁମାର ମୁଣ୍ଡାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ




# ମହାରାଷ୍ଟ୍ରରେ ପ୍ରବଳ ବର୍ଷା ପାଇଁ ୭୨ ଘଣ୍ଟାର ହାଇ ଆଲର୍ଟ ଜାରି



ମହାରାଷ୍ଟ୍ର : ମୁମ୍ବାଇ ସମେତ ଆଖପାଖ ଜିଲ୍ଲାରେ ଅତ୍ୟଧିକ ବର୍ଷା ନେଇ ଆଜି ଓଗଭ ରେଡ୍ ଆଲର୍ଟ ଜାରି କରିଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହାଇ ଆଲର୍ଟ ଜାରି କରାଯାଇଛି ।

ସୂଚନାନୁଯାୟୀ, ମୁମ୍ବାଇ ସମେତ ଥାଣେ, ପାଲଘର, ରାୟଗଡ଼ ଏବଂ ରତ୍ନଗିରି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଓଗଭ ଏହି ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ଏହା ବ୍ୟତୀତ ସିନ୍ଧୁଦୁର୍ଗ ଏବଂ ନାସିକର ଘାଟ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାରି ମଧ୍ୟରେ କୋଙ୍କଣ ବେଲ୍ଟ ଏବଂ ଉତ୍ତର ମହାରାଷ୍ଟ୍ର ପ୍ରବଳ ବର୍ଷାର ସମ୍ମୁଖୀନ ହୋଇପାରେ ବୋଲି ଆଇଏମଡି ସ୍ପଷ୍ଟ କରିଛି । କିନ୍ତୁ ମହାରାଷ୍ଟ୍ର, ମରାଠୱାଡା ଏବଂ ବିଦର୍ଭରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ଜରୁରୀକାଳୀନ ଅପରେସନ୍ସ ସେଣ୍ଟର (ଝରଙଉ) ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି ।

ସେପଟେ ଅଧିକାରୀମାନଙ୍କୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା କାର୍ଯ୍ୟରେ ନିୟୋଜିତ ରହିବାକୁ,ପାଣି ନିଷ୍କାସନ କରିବାକୁ ପମ୍ପ ପ୍ରସ୍ତୁତ ରଖିବାକୁ,ନଦୀ ପ୍ରବାହ ଏବଂ ବନ୍ଧ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମରାମତି ଦଳ ଏବଂ ଚେନ୍ ସ ଏବଂ ପାୱାର ୟୁନିଟ୍କୁ ଜରୁରୀ ପରିସ୍ଥିତି ପାଇଁ ସଚେତନ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପଟେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ସମସ୍ତଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ କଡ଼ା ପରାମର୍ଶ ଜାରି କରିଛନ୍ତି । ତଳିଆ ଅଞ୍ଚଳକୁ ଯିବାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା ବେଳେ ବର୍ଷା ସମୟରେ ନଦୀ, ନାଳ ଏବଂ ସେତୁଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ ବଜ୍ରପାତ ସମୟରେ ଗଛ ତଳେ ନ ରହିବାକୁ କହିଛନ୍ତି । ପାଗରେ ସୁଧାର ନ ଆସିବା ପର୍ଯ୍ୟନ୍ତ ପର୍ଯ୍ୟଟନସ୍ଥଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି ।

# ଜମ୍ମୁ-କାଶ୍ମୀରର କୁପୱାଡ଼ାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ, ୨ ଆତଙ୍କବାଦୀ ନିହତ



ଜମ୍ମୁ-କାଶ୍ମୀର: ଜମ୍ମୁ-କାଶ୍ମୀରର କୁପୱାଡାରେ ୨ ଆତଙ୍କୀ ଏନକାଉଣ୍ଟର। ସୁରକ୍ଷା ବାହିନୀ ଏକ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛନ୍ତି । ଏହି ଅପରେସନରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଆଜି ସକାଳେ ଉତ୍ତର କାଶ୍ମୀରର କୁପୱାଡା ଜିଲ୍ଲାର କେରାନ ସେକ୍ଟରର ହାଇଦର ପୋଷ୍ଟରେ ଅନୁପ୍ରବେଶ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଦୁଇ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ । ଅନୁପ୍ରବେଶକାରୀ ଆତଙ୍କବାଦୀମାନେ ସୁରକ୍ଷା ବାହିନୀର ଏକ ଦଳକୁ ଚ୍ୟାଲେଞ୍ଜ କରିଥିଲେ । ଆତଙ୍କବାଦୀମାନଙ୍କୁ ରୋକିବା ପାଇଁ ସୁରକ୍ଷା ବାହିନୀ ଗୁଳି ଚଳାଇଥିଲେ, ଯେଉଁଥିରେ ଦୁଇଜଣ ନିହତ ହୋଇଥିଲେ, କିନ୍ତୁ ସେମାନଙ୍କ ମୃତଦେହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ । ସୀମାପାର ଗୁଳିଚାଳନା ଆଶଙ୍କା ହେତୁ କଡ଼ା ସୁରକ୍ଷା ମଧ୍ୟରେ ସ୍ଥାନାନ୍ତର ଅଭିଯାନ ଚାଲିଛି । ନିହତ ଆତଙ୍କବାଦୀଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ଗତ ଆଠ ଦିନ ମଧ୍ୟରେ ଏହା ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଦ୍ୱିତୀୟ ଏନକାଉଣ୍ଟର । ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏଘଝ କୁ କହିଛନ୍ତି ଯେ ସୁରକ୍ଷା ବାହିନୀ ଏହି ପାର୍ଶ୍ୱରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କ ଏକ ଗୋଷ୍ଠୀକୁ ଚ୍ୟାଲେଞ୍ଜ କରିଥିଲେ। ଗୁଳି ବିନିମୟ ସମୟରେ ହାଇଦର ଚୌକି ନିକଟରେ ୨ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀଙ୍କ ପରିଚୟ ଚିହ୍ନଟ କରାଯାଉଛି । ଅନ୍ୟପକ୍ଷରେ ଏକ ସର୍ଚ୍ଚ ଅପରେସନ୍ ଜାରି ରହିଛି ।

# ବିମାନବନ୍ଦର, ସ୍କୁଲ ଏବଂ ଅନେକ ପ୍ରତିଷ୍ଠାନକୁ ମିଳିଛି ବୋମା ଧମକ, ପୋଲିସର ତଦନ୍ତ ଜାରି

ନୂଆଦିଲ୍ଲୀ : ଦିଲ୍ଲୀରୁ ଆସିଲା ବଡ଼ ଖବର । ଦିଲ୍ଲୀ ବିମାନବନ୍ଦର, ସ୍କୁଲ ଏବଂ ଅନେକ ପ୍ରତିଷ୍ଠାନ ଗୁଡିକୁ ବୋମାରେ ଉଡ଼ାଇବା ପାଇଁ ମିଳିଛି ଧମକ । ଏହି ଧମକ ଇମେଲ୍ ଦ୍ୱାରା ପଠା ଯାଇଛି । ଦିଲ୍ଲୀ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ତଦନ୍ତରେ ଏପର୍ଯ୍ୟନ୍ତ କିଛି ପାଇ ନାହାଁନ୍ତି ବୋଲି କହିଛନ୍ତି ଦିଲ୍ଲୀ ପୋଲିସ । କିଛି ଦିନ ପୂର୍ବରୁ ସେପ୍ଟେମ୍ବର ୨୦ରେ ଦିଲ୍ଲୀର ଅନେକ ସ୍କୁଲକୁ ମିଳିଥିଲା ବୋମା ଧମକ । କିଛି ପ୍ରାଇଭେଟ ସ୍କୁଲକୁ ଧମକ ମିଳିଥିଲା । ପୋଲିସ ଦଳ, ବୋମା ନିଷ୍କ୍ରିୟକାରୀ ଦଳ ସହିତ, ସ୍କୁଲଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଲାସ କରିଥିଲେ । ଏହାପରେ ଛାତ୍ର ଏବଂ କର୍ମଚାରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ ପୋଲିସ କିଛି ସନ୍ଦେହଜନକ ଜିନିଷ ପାଇ ନପାରି ଅଞ୍ଚଳ ତଲାସୀ କରିଥିଲା । ପରେ ଏହା ମିଥ୍ୟା ଖବର ବୋଲି ଜଣାପଡ଼ିଲା । ଏହା ପ୍ରଥମ ଥର ନୁହେଁ ଯେତେବେଳେ କୌଣସି ବିମାନବନ୍ଦର, ସ୍କୁଲ କିମ୍ବା ହସ୍ପିଟାଲକୁ ବୋମା ଧମକ ଦିଆଯାଇଛି । ପୂର୍ବରୁ ଦିଲ୍ଲୀରେ ସମାନ ଧମକ ମିଳିଛି । ପ୍ରତ୍ୟେକ ଥର ଏହି ଧମକ ମିଥ୍ୟା ଥିଲା । ବମ୍ବେ ହାଇକୋର୍ଟକୁ ମଧ୍ୟ ଏକ ଏପରି ଧମକ ଦିଆଯାଇଥିଲା, ସେହି ଧମକ ମିଥ୍ୟା ବୋଲି ଜଣାପଡିଥିଲା । ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦରରେ ଜୁଲାଇ ୨୦୨୫ ରେ ବୋମା ଧମକ ମିଳିଥିଲା । ଆତଙ୍କ ଖେଳିଯାଇଥିଲା । ବିମାନବନ୍ଦର ସୁରକ୍ଷା କର୍ମୀଙ୍କୁ ସତର୍କ କରାଯାଇଥିଲା ଏବଂ ପରିସରରେ ତଲାସୀ କରାଯାଇଥିଲା । କିନ୍ତୁ କିଛି ସେହି ସ୍ଥାନରୁ ସନ୍ଦେହ ଜଣକ ଜିନିଷ ମିଳି ନଥିଲା । ଏହା ପୂର୍ବରୁ ୧୭-୧୯ ଜୁଲାଇ ୨୦୨୫ ରେ ନଭି ମୁମ୍ବାଇ ପୋଲିସ କମିଶନର ଏବଂ ଯୁଗ୍ମ କମିଶନରଙ୍କ କାର୍ଯ୍ୟାଳୟକୁ ଅନେକ ଧମକପୂର୍ଣ୍ଣ ଫୋନ ଆସିଥିଲା । ଏହି କଲ୍ ଗୁଡ଼ିକରେ ମୁମ୍ବାଇ-ଅହମ୍ମଦାବାଦ ବିମାନରେ ବୋମା ଏବଂ ବିମାନବନ୍ଦରରେ ବିସ୍ଫୋରଣ ଧମକ ଅନ୍ତର୍ଭୁକ୍ତ ଥିଲା। ତଦନ୍ତ ପରେ ଏହି ଧମକଗୁଡ଼ିକ ମିଛ ବୋଲି ଜଣାପଡିଥିଲା । ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି ।




# ୟୁକ୍ରେନ ଉପରେ ରୁଷର ଭୟଙ୍କର ଆଟାକ

ୟୁକ୍ରେନ ଉପରେ ରୁଷର ଜୋରଦାର ଆକ୍ରମଣ । ୧୨ ଘଣ୍ଟାରେ ୬୦୦ ଡ୍ରୋନ ଏବଂ ୪୦ ମିସାଇଲ ମାଡ଼ କରିଛି ରଷ । ଘନଘନ ବିସ୍ଫୋରଣରେ ଥରିଛି କିଭ । ୟୁକ୍ରେନର ୭ଟି ଅଞ୍ଚଳକୁ ଟାର୍ଗେଟ କରି ରଷ କରିଥିବା ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ୧୨ ବର୍ଷୀୟା ନାବାଳିକା ଥିବା କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । କିଭ ଉପରେ ହୋଇଥିବା ମିସାଇଲ ମାଡ଼ରେ ଇନଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ନଷ୍ଟ ହୋଇଛି । ସେହିପରି ଅନେକ ବଡ଼ ବଡ଼ ବିଲ୍ଡିଂ ମଧ୍ୟ ନଷ୍ଟ ହୋଇଛି । ସହରର ବଡ଼ ବଡ଼ ଇନଫ୍ରାଷ୍ଟ୍ରକଚରକୁ ଟାର୍ଗେଟ କରି ମିସାଇଲ ମାଡ଼ କରିଛି ରଷ। ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣ ମଧ୍ୟରୁ ଏହା ସବୁଠାରୁ ଜୋରଦାର ବୋଲି ବୋଲି ଜଣାପଡିଛି । ଜାପୋରିଜିଆ, ସୁମି, ମାଇକୋଲାଇଭ୍, ଚେର୍ନିହିଭ୍ ଏବଂ ଓଡେସା ଉପରେ ରୁଷ ଏହି ଭୟଙ୍କର ଆଟାକ କରିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଆକ୍ରମଣକୁ ନିନ୍ଦା କରିବା ସହ ରଷର ଯୁଦ୍ଧଖୋର ନୀତିକୁ ସମାଲୋଚନା କରିଛନ୍ତି। ମସ୍କୋ ଯୁଦ୍ଧ ଜାରି ରଖିବା ସହ ୟୁକ୍ରେନବାସୀଙ୍କୁ ହତ୍ୟା କରିବାକୁ ଚାହୁଁଥିବା କହିଛନ୍ତି ଜେଲେନସ୍କି।



# କରୁର ଦଳାଚକଟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସାଉଥଷ୍ଟାର ବିଜୟ

ତାମିଲନାଡୁ : ତାମିଲନାଡୁର କରୁରରେ ରାଲିରେ ଦଳାଚକଟା ଘଟି ୪୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଛନ୍ତି । ଏହି ଘଟଣାରେ ଅଭିନେତା ଏବଂ ରାଜନୈତିକ ନେତା ବିଜୟଙ୍କ ଦଳ, ଟିଭିକେ, ରାଜ୍ୟ ସରକାରଙ୍କୁ ଅଭିଯୋଗ କରିଛି ଏବଂ ଦାବି କରିଛି ଯେ ଏହା ଡିଏମକେ ଷଡ଼ଯନ୍ତ୍ରର ଅଂଶ ହୋଇପାରେ ବୋଲି ଅନୁମାନ କରାଯାଉଛି । ଓକିଲ ଆରିଭାଜାଗନ୍ ଏକ ଗଣମାଧ୍ୟମକୁ କହିଛନ୍ତି ଦଳ ମାଡ୍ରାସ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି । ଯେଉଁଥିରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଝଓଞ) ଗଠନ କିମ୍ବା ମାମଲାକୁ ଉଇଓକୁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି । ସେ ରାଲିରେ ସୁରକ୍ଷା ନିୟମ ଉଲ୍ଲଂଘନ ହୋଇଥିବା ରାଜ୍ୟ ସରକାରଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଟିଭିକେ ଅଭିଯୋଗ କରିଛି ଯେ, ଏହି ଦୁଃଖଦ ଘଟଣା କୌଣସି ଦୁର୍ଘଟଣା ନୁହେଁ, ବରଂ ଏକ ଷଡ଼ଯନ୍ତ୍ରର ଫଳାଫଳ । ଟିଭିକେର ଆଇନଜୀବୀ ଶାଖା ସଭାପତି ଏସ. ଅରିଭାଝାଗନଙ୍କ ନେତୃତ୍ୱରେ ଏକ ଆଇନଜୀବୀ ଦଳ ବିଚାରପତି ଏମ. ଧଣ୍ଡପାଣିଙ୍କ ବାସଭବନକୁ ଯାଇ ଏ... ସମ୍ପର୍କରେ ଅବଗତ କରାଇଛନ୍ତି ।



ଟିଭିକେର ଉ... ପ... ସାଧାରଣ ସମ୍ପାଦକ ନିର୍ମଳ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ, ଦଳ ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଛି । ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କରାଯାଇଛି । ବିଚାରପତି ପିଟିସନର ଶୁଣାଣି ପାଇଁ ରାଜି ହୋଇଛନ୍ତି । ଆସନ୍ତାକାଲି ଅର୍ଥାତ ୨୯ ତାରିଖ ଅପରାହ୍ନ ୨ଟା ୧୫ରେ ଏହାର ଶୁଣାଣି କରାଯିବ । ସୂଚନାଯୋଗ୍ୟ, ଶନିବାର କରୁରଠାରେ ଟିଭିକେର ଏକ ନିର୍ବାଚନୀ ରାଲିରେ ବିଜୟ ଭାଷଣ ଦେବା ସମୟରେ କିଛି ଲୋକ ଅଣନିଃଶ୍ୱାସୀ ହୋଇ ଚେତା ହରାଇଥିଲେ । ଏହା ପରେ ଦଳାଚକଟା ଘଟିଥିଲା । ଯେଉଁଥିରେ ୩୮ ଜଣଙ୍କ ପ୍ରାଣହାନୀ ଘଟିଥିଲା । ଆଜି ଆଉ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ରାଲିରେ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ସରକାର କିଛି ଟିଭିକେ ନେତାଙ୍କ ବିରୋଧରେ ହତ୍ୟା ସମେତ ବିଭିନ୍ନ ଅଭିଯୋଗରେ ମାମଲା ରୁଜୁ କରିଛନ୍ତି । ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ଏକ ନ୍ୟାୟିକ ତଦନ୍ତ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

# ଚୀନର ତିନିଟିକିଆ ପରମାଣୁ ବୋମା ପରୀକ୍ଷଣ

ବେଜିଂ : ଚୀନ୍ ସେନା ପରୀକ୍ଷାଗାରରେ ଏକ ଘାତକ ପରୀକ୍ଷଣ କରିଛି। ପିଏଲଏ ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ 'ଟ୍ରିପଲ-ନ୍ୟୁକ୍ଲିୟର ଷ୍ଟ୍ରାଇକ୍' ପରୀକ୍ଷଣ କରିଛନ୍ତି। ଏହାର ଅର୍ଥ ହେଉଛି ବିସ୍ଫୋରଣ ଗୋଟିଏ ଯୁଦ୍ଧାସ୍ତ୍ର ଦ୍ୱାରା ନୁହେଁ, ବରଂ ଗୋଟିଏ ପରେ ଗୋଟିଏ କିମ୍ବା ଏକକାଳୀନ ଫାୟାର କରାଯାଇଥିବା ଛୋଟ, କମ୍ ଉତ୍ପାଦନକ୍ଷମ ଯୁଦ୍ଧାସ୍ତ୍ର ଦ୍ୱାରା ହେବ, ଯାହା ଏକ ଗତିଶୀଳ କ୍ଲଷ୍ଟର ଗଠନ କରିବ। ଏପର୍ଯ୍ୟନ୍ତ, କେବଳ ଗୋଟିଏ ପରମାଣୁ ବୋମା ସହିତ ଗବେଷଣା କରାଯାଇଛି, ଏବଂ ବିକଶିତ ଅସ୍ତ୍ରଗୁଡ଼ିକ ମଧ୍ୟ ଗୋଟିଏ ଯୁଦ୍ଧାସ୍ତ୍ର ସହିତ ତିଆରି କରାଯାଇଛି। ତଥାପି, ଚୀନ୍ ଏହି ପଦ୍ଧତିକୁ ଅନେକ ଗୁଣ ଆଗକୁ ନେଇଛି, ଯାହା ଏପରି ଅସ୍ତ୍ରକୁ ଯଥେଷ୍ଟ ଅଧିକ ଘାତକ କରିଛି। ଆପଣ କଳ୍ପନା କରିପାରିବେ ଯେ ତିନୋଟି ଛୋଟ ପରମାଣୁ ଯୁଦ୍ଧାସ୍ତ୍ର ପ୍ରାୟ ଏକକାଳୀନ ବିସ୍ଫୋରଣ ହେବା ଦ୍ୱାରା କେତେ ବଡ଼ ଧ୍ୱଂସଲୀଳା ହେବ। ବଙ୍କରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଚୀନ୍ ଏପରି ଏକ ଅସ୍ତ୍ର ବିକଶିତ କରୁଛି ବୋଲି କୁହାଯାଉଛି, ଏହା ଆମେରିକାର ଚିନ୍ତାଧାରାକୁ ମଧ୍ୟ ଦୋହଲାଇ ଦେବାର ସମ୍ଭାବନା ଅଛି।

ନାନଜିଂ ସ୍ଥିତ ଆର୍ମି ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ, ଯାହା ଏକ୍ସପ୍ଲୋସନ୍ ଆଣ୍ଡ୍ ସକ୍ ୱେଭ୍ସ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଚୀନ୍ ବୈଜ୍ଞାନିକମାନେ ସମାନ ସ୍ଥାନରେ ପ୍ରାୟ ଏକକାଳୀନ ତିନୋଟି ଛୋଟ ପରମାଣୁ ଆକ୍ରମଣର ପ୍ରଭାବ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଥିଲେ। ନାନଜିଂର ପିଏଲଏ ବିଶ୍ୱବିଦ୍ୟାଳୟର ଦଳ ଏକ ତିନୋଟି ବିସ୍ଫୋରଣ ପ୍ରଭାବକୁ ମଡେଲ୍ ଏବଂ ପରୀକ୍ଷା କରିବା ପାଇଁ କ୍ଷୁଦ୍ର-ସ୍ତରର, ନିୟନ୍ତ୍ରିତ ପରୀକ୍ଷଣ କରିଥିଲେ।

# ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ପ୍ରସ୍ତାବ

ନୂଆଦିଲ୍ଲୀ : ଗାଜାରେ ଯୁଦ୍ଧ ବନ୍ଦ ପାଇଁ ଆମେରିକା ୨୧ଟି ପ୍ରସ୍ତାବ ଦେଇଛି । ଭବିଷ୍ୟତର ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ପ୍ରସ୍ତାବ ଦେଇଛି ଆମେରିକା । ବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା, ପାଲେଷ୍ଟାଇନମାନଙ୍କୁ ଗାଜାପଟିରେ ରହିବାକୁ ଉତ୍ସାହିତ କରିବା ଏବଂ ଶାନ୍ତିପ୍ରିୟ ହମାସ ସଦସ୍ୟମାନଙ୍କୁ ସାଧାରଣରେ କ୍ଷମା ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଜାତିସଂଘର ସାଧାରଣ ଅଧିବେଶନରେ କିଛି ଆରବ ଓ ମୁସଲିମ ଦେଶଙ୍କୁ ଏହି ପ୍ରସ୍ତାବ ସମ୍ପର୍କରେ ଅବଗତ କରିଛି ଆମେରିକା । ତେବେ ଆମେରିକାର ଏହି ପ୍ରସ୍ତାବରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କେମିତି ଗ୍ରହଣ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି । କାରଣ ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ଓ ପାଲେଷ୍ଟାଇନ ରାଷ୍ଟ୍ର ଗଠନ କରାଇ ନଦେବା ଅଭିଯାନକୁ ତୀବ୍ର କରିଛି ଇସ୍ରାଏଲ ।

# ଆଗ୍ରାରୁ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଗିରଫ, ବାବାଙ୍କ ଉପରେ ଦିଲ୍ଲୀ ପୋଲିସର ଆକ୍ସନ୍



ନୂଆଦିଲ୍ଲୀ : ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ପାର୍ଥ ସାରଥୀ ଗିରଫ। ବିଳମ୍ବିତ ରାତିରେ ତାଙ୍କୁ ଆଗ୍ରାର ଏକ ହୋଟେଲରୁ ଦିଲ୍ଲୀ ପୋଲିସ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଏବଂ ଜାଲିଆତି ଅଭିଯୋଗ ରହିଥିବା ସୂଚନା ମିଳିଛି। ରଡଝ ସ୍କଲାରସିପରେ ଚଏଉଗ କରାଇବାକୁ କହି ଛାତ୍ରୀଙ୍କୁ ଶୋଷଣ କରୁଥିଲା । ଏହି ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି ଆଗ୍ରାରୁ ଦିଲ୍ଲୀରେ ପହଞ୍ଚିଛି । ଆଜି ତାଙ୍କୁ କୋର୍ଟରେ ହାଜର କରିବ ଦିଲ୍ଲୀ ପୋଲିସ । ସୂଚନାନୁଯାୟୀ, ପୂର୍ବରୁ ଦିଲ୍ଲୀର ପଟିଆଲା ହାଇକୋର୍ଟ ସ୍ୱାମୀ ଚୈତନ୍ୟାନନ୍ଦଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏହି ସମୟରେ ଦିଲ୍ଲୀ ପୋଲିସ ବାବା ଚୈତନ୍ୟାନନ୍ଦଙ୍କ ୮ କୋଟି ଟଙ୍କା ଜବତ କରିଛି । ଏହିଭଳି ଭାବେ ବାବା ୧୮ଟି ବ୍ୟାଙ୍କ୍ ଖାତା ଏବଂ ୨୮ଟି ଏଫଡି ଜମା କରିଥିଲେ । ଯାହାକୁ ମଧ୍ୟ ପୋଲିସ୍ ଜବତ କରିଛି । ୨୦୧୬ ମସିହାରେ ଚୈତନ୍ୟାନନ୍ଦ ସରସ୍ୱତୀ ଦିଲ୍ଲୀର ଶ୍ରୀ ଶାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ରିସର୍ଚ୍ଚରେ ଛାତ୍ରୀମାନଙ୍କୁ ନିର୍ଯାତନା ଦେଉଥିଲେ । ଯାହାର ଅଭିଯୋଗ ୧୭ ଜଣ ଛାତ୍ରୀ ଆଣିଛନ୍ତି । ଏହି ଅଭିଯୋଗରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା । ଏହାରି ମଧ୍ୟରେ ଛାତ୍ରୀ ଜଣଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ସମସ୍ତ କଥା କହିଥିଲେ । ଥରେ ସେ ତାଙ୍କ କବଳରେ ଫସି ରହି ଯାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ଛାତ୍ରୀ ଜଣକ ତାଙ୍କର ବ୍ୟାଗ୍ ଏବଂ କାଗଜପତ୍ର ମଧ୍ୟ ଛାଡି ପଳାଇଥିଲେ। ହେଲେ ଚୈତନ୍ୟାନନ୍ଦଙ୍କ ଲୋକମାନେ ତାଙ୍କୁ ପିଛା କରିଥିଲେ ଏବଂ ତାଙ୍କ ଘରେ ପହଞ୍ଚିଥିଲେ । ଅନ୍ୟପଟେ ଚୈତନ୍ୟାନନ୍ଦଙ୍କ ବିରୋଧରେ ଏପର୍ଯ୍ୟନ୍ତ ୫ଟି ଏଫଆଇଆର ଦାୟର କରାଯାଇଛି । ଏହି ଏଫଆଇଆର ମଧ୍ୟରୁ ଦୁଇଟି ପୁରୁଣା । ସ୍ୱାମୀ ଚୈତନ୍ୟାନନ୍ଦଙ୍କ ବିରୋଧରେ ୧୭ ଜଣ ଝିଅଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି । ଯେଉଁଥିରେ ଝିଅମାନେ କହିଛନ୍ତି ଯେ, ସେ ସେମାନଙ୍କୁ ବ୍ଲାକମେଲିଂ କରିବା ସହ ଧମକ ମଧ୍ୟ ଦେଉଥିଲେ ବୋଲି ପ୍ରକାଶ ପାଇଛି ।

# ଆମେରିକା: ଗୁଳିକାଣ୍ଡ ପରେ ଚର୍ଚ୍ଚରେ ଲାଗିଲା ନିଆଁ



ମିସିଗାନ : ଆମେରିକାରେ ପୁଣି ଏକ ଗୁଳିକାଣ୍ଡ ହୋଇଛି । ରବିବାର ମିସିଗାନର ଗ୍ରାଣ୍ଡ ବ୍ଲାଙ୍କରେ ଥିବା ଚର୍ଚ୍ଚ ଅଫ୍ ଜିସସ୍ ଖ୍ରୀଷ୍ଟ ଅଫ୍ ଲାଟର-ଡେ ସେଣ୍ଟସ୍ (ମୋରମନ୍ ଚର୍ଚ୍ଚ)ରେ ଏହି ଗୁଳିକାଣ୍ଡ ଘଟିଛି। ସ୍ଥାନୀୟ ପୁଲିସ କହିଛି ଯେ ଏହି ଗୁଳିକାଣ୍ଡରେ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ସନ୍ଦିଗ୍ଧ ଆକ୍ରମଣକାରୀର ମୃତ୍ୟୁ ହୋଇଛି। ପୁଲିସ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକରେ କହିଛି ଯେ ବର୍ତ୍ତମାନ କେହି ଗୁରୁତର ନାହାନ୍ତି, କିନ୍ତୁ ଚର୍ଚ୍ଚରେ ନିଆଁ ଲାଗିଛି। ପୁଲିସ ଓ ଜରୁରୀକାଳୀନ ଦଳ ଘଟଣାସ୍ଥଳରେ ଥିବାରୁ ସେମାନେ ଲୋକମାନଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି। ଆହତଙ୍କ ସଂଖ୍ୟା କିମ୍ବା ଗୁଳିକାଣ୍ଡର କାରଣ ସମ୍ପର୍କରେ ପୁଲିସ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରିନାହିଁ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଏକ ଚର୍ଚ୍ଚ ସେବା ସମୟରେ ଘଟିଥିଲା, ଯେଉଁଥିରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ। ଗୁଳିକାଣ୍ଡର କାରଣ କଣ ଏବଂ ଆକ୍ରମଣକାରୀ କାହିଁକି ଏପରି କଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି। ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି।

### ବିପ୍ଳବ ଲିଗ୍‌ର ଶ୍ରେଷ୍ଠ ଖେଳାଳି

# କଟକ ପାନ୍ଥର୍ସ ଜିତିଲା ଓପିଟିଏଲ୍ ଟ୍ରଫି

କଟକ: କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛି। ଫାଇନାଲ ମ୍ୟାଚ୍‌ରେ କଟକ ପାନ୍ଥର୍ସ ଡିଏଲ୍‌ଏସ୍‌ରେ ୫ ରନରେ ସମ୍ବଲପୁର ୱାରିଅର୍ସକୁ ପରାସ୍ତ କରିଛି। ଫାଇନାଲ୍ ମ୍ୟାଚରେ ବର୍ଷା ଓ ଓଦା ପଡ଼ିଆ କାରଣରୁ ଏହାକୁ ୧୦ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟକ ପାନ୍ଥର୍ସ ୮.୪ ଓଭରରେ ୫ ୱିକେଟ୍ ହରାଇ ୯୨ ରନ୍ କରିଥିଲା। ବର୍ଷା ହେବାରୁ ପୁଣି ଖେଳ ଅଧାରୁ ବନ୍ଦ ରହିଥିଲା। ଡିଏଲ୍‌ଏସ୍ ସଂଶୋଧିତ ଲକ୍ଷ୍ୟ ଭାବେ ସମ୍ବଲପୁର ୱାରିୟର୍ସ ପାଇଁ ୫ ଓଭରରେ ୬୨ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସମ୍ବଲପୁର ।ରିୟର୍ସ ୫ ଓଭରରେ ୫ ୱିକେଟ୍ ହରାଇ ୫୬ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ଆ।ଦିତ୍ୟ ରାଉତ ୩୬ ରନ୍ (୧୩ ବଲ) କରିଥିବା ବେଳେ କଟକ ପାନ୍ଥର୍ସ ପକ୍ଷରୁ ରାଜ ଯାଦବ ୩ ୱିକେଟ୍ ଓ ହର୍ଷିତ ରାଥୋଡ ୨ ୱିକେଟ୍ ଅକ୍ତିଆ।ର କରିଥିଲେ କଟକ ପାନ୍ଥର୍ସ ଖେଳାଳି ରାଜ ଯାଦବଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।



ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଓଡ଼ିଶା ଫୁଟ୍‌ବଲ ଆ।ସୋସିଏସନ୍ (ଫାଓ) ସଂପାଦକ ଆ।ଶୀର୍ବାଦ ବେହେରା, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇ ଓପିଟିଏଲ୍ ବିଜେତା କଟକ ପାନ୍ଥର୍ସ ଦଳକୁ ୫୦ ଲକ୍ଷ ଟଙ୍କାର ଚେକ୍ ସହ ଚାମ୍ପିଅନ ଟ୍ରଫି ଓ ଉପବିଜେତା ସମ୍ବଲପୁର ୱାରିୟର୍ସକୁ ୨୫ ଲକ୍ଷର ଟଙ୍କାର ଚେକ୍ ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ସମାରୋହରେ କଟକ ପାନ୍ଥର୍ସ ଖେଳାଳି ରାଜ ଯାଦବଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଟ୍ରଫି ସହ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ବଲପୁର ।ରିୟର୍ସର ଆ।ଦିତ୍ୟ ରାଉତଙ୍କୁ ଏମର୍ଜିଂ ପ୍ଲେୟାର ଭାବେ ଟ୍ରଫି ସହ ୭୫ ହଜାର ଟଙ୍କା, କେନ୍ଦୁଝର ମାନର୍ସର ପପୁ ରାୟଙ୍କୁ ଶ୍ରେଷ୍ଠ ବୋଲର ୫୦ ହଜାର ଟଙ୍କା, ଭୁବନେଶ୍ୱର ଟାଇଗର୍ସର ଗୌରବ ଚୌଧୁରୀଙ୍କୁ ଶ୍ରେଷ୍ଠ ବ୍ୟାଟର୍ ଭାବେ ୫୦ ହଜାର ଟଙ୍କା, କଟକ ପାନ୍ଥର୍ସର ବିପ୍ଳବ ସାମନ୍ତରାୟଙ୍କୁ ପ୍ଲେୟାର ଅଫ୍ ଦି ଲିଗ୍ ଭାବେ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ପୂର୍ବତନ ଆନ୍ତଃଜାତିକ ଖେଳାଳି ମନିନ୍ଦର ସିଂହ, ଚେତନ ଶର୍ମା, ନରେନ୍ଦ୍ର ହିରାନିଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସଂପାଦକ ସଞ୍ଜୟ ବେହେରା ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ ସମସ୍ତ ଅମ୍ପାୟାର ଓ ମ୍ୟାଚ୍ ରେଫରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏସିଆ କପ୍ ବିଜୟରେ ଟିମ୍ ଇଣ୍ଡିଆକୁ ପିଏମ ମୋଦୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ, ୨୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଦଳକୁ ଏସିଆ କପ୍ ବିଜୟର ଶୁଭେଚ୍ଛା ଜଣାଇଛନ୍ତି। ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତ ଧମାକାଦାର ବିଜୟ ହାସଲ କରିଛି। ପିଏମ ମୋଦୀ ଏହି ବିଜୟକୁ କ୍ରୀଡାର ମଇଦାନରେ ଅପରେସନ ସିନ୍ଦୂର ଦର୍ଶାଇଛନ୍ତି। ସେ କହିଛନ୍ତି, କ୍ରୀଡାର ମଇଦାନରେ ଅପରେସନ ସିନ୍ଦୂର, ପରିଣାମ ପୁଣି ସମାନ, ଭାରତ ଜିତିଲା। ଆମର କ୍ରିକେଟରଙ୍କୁ ଅଭିନନ୍ଦନ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟତୀତ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି ଶାହ ଲେଖିଛନ୍ତି। ଏକ ଅଦ୍ଭୁତ ବିଜୟ ଆ।ମର ପିଲାମାନେ ଜବରଦସ୍ତ ଉର୍ଜାର ସହ ପ୍ରତିଦ୍ୱନ୍ଦ୍ୱୀକୁ ପୁଣି ଥରେ ଧୂଳି ଚଟାଇଛନ୍ତି । ଭାରତର ଜିତିବା ନିଶ୍ଚିତ ଥିଲା, ସେ ଯେ କୌଣସି ମଇଦାନ ହେଉ। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଟିମ୍ ଇଣ୍ଡିଆକୁ ଏସିଆ କପ ବିଜୟର ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି, ଏସିଆ କପ୍ ଜିତିବା ନେଇ ଟିମ୍ ଇଣ୍ଡିଆ।କୁ ଅଭିନନ୍ଦନ ନୂଆ ଭାରତ କମାଲ କରୁଛି।

ଯୁଦ୍ଧ ମଇଦାନ ପରେ କ୍ରିକେଟ୍ ମଇଦାନରେ ପାକିସ୍ତାନକୁ ଧୂଳି ଚଟାଇଲା ଭାରତ ରୋମାଞ୍ଚକର ଏବଂ ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମୁକାବିଲାରେ ଭାରତ ପାକିସ୍ତାନକୁ ୫ ୱିକେଟରେ ହରାଇ ଏସିଆ। କପ୍ ଚାମ୍ପିଅନ ହୋଇଛି ଭାରତ । ଆ।ଉ ଭାରତକୁ ବିଜୟ ତିଳକ ପିନ୍ଧାଇଛନ୍ତି ତିଳକ ବର୍ମା। ଏହି ବାମହାତୀ ବ୍ୟାଟରଙ୍କ ସ୍ମରଣୀୟ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ବିଜୟୀ କରାଇଛନ୍ତି ଭାରତ ନବମ ଥର ଏସିଅ। କପ୍ ଟାଇଟଲ୍ ଜିତିଥିବା ବେଳେ ଶେଷ ପର୍ଯ୍ୟନ୍ତ ଲଢି ଧୂଳି ଚଟିଛି ପାକିସ୍ତାନ ।

### ବିସିସିଆଇ ସିଲେକ୍ସନ ପ୍ୟାନେଲରେ ପରିବର୍ତ୍ତନ

# ପ୍ରଜ୍ଞାନ ଓଝା ଏବଂ ଆରପି ସିଂହଙ୍କୁ ଗୁରୁଦାୟିତ୍ୱ

ମୁମ୍ବାଇ, ୨୮/୦୯: ବିସିସିଆ।ଇକୁ ମିଳିଛି ନୂଆ। ବସ୍ ରୋଜର ବିନ୍ନିଙ୍କ ସ୍ଥାନ ନେଇଛନ୍ତି ମିଥୁନ ମନହାସ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ତାଙ୍କୁ ସଭାପତି ଭାବେ ଚୟନ କରିଛି ଏହା ସହିତ ବିସିସିଆ।ଇ ଚୟନ କମିଟିରେ ପରିବର୍ତ୍ତନ ହୋଇଛି ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଏବଂ ଆ।ରପି ସିଂହଙ୍କୁ ସିଲେକ୍ସନ ପ୍ୟାନେଲରେ ସାମିଲ୍ କରାଯାଇଛି ଚିଫ୍ ସିଲେକ୍ଟର ଅଜିତ୍ ଅଗରକର ବର୍ତ୍ତମାନ ଏହି ଦୁଇ ବରିଷ୍ଠ ପୂର୍ବତନ ଖେଳାଳିଙ୍କ ସହିତ ଭାରତୀୟ ଦଳ ଚୟନ କରିବେ ସେହିପରି ମହିଳା ଟିମ୍ ଚୟନ କମିଟିରେ ଦିଲ୍ଲୀର ଅମିତା ଶର୍ମାଙ୍କୁ ନିଯୁକ୍ତି ମିଳିଛି।

କିଛି ଦିନ ପୂର୍ବରୁ ବିସିସିଆ।ଇ ସିନିୟର ଟିମ୍ ପାଇଁ ଦୁଇ ଜଣ ନୂଆ। ସିଲେକ୍ଟର୍ସ ଚୟନ ପାଇଁ ବିଜ୍ଞପ୍ତି ବାହାର କରିଥିଲା ଏଥିପାଇଁ ପୂର୍ବତନ ଦିଗଜ ଖେଳାଳି ପ୍ରଜ୍ଞାନ ଓଝା ଏବଂ ରୁଦ୍ର ପ୍ରତାପ ସିଂହ ଆ।ବେଦନ କରିଥିଲେ।ରବିବାର ବିସିସିଆ।ଇ ଆ।ବେଦନ ପତ୍ରକୁ ଗ୍ରହଣ କରି ସେମାନଙ୍କୁ ଚୟନ କମିଟିରେ ବିଧିବଦ୍ଧ ଭାବେ ସାମିଲ୍ କରିଛି ଏହାଛଡ଼ା ମହିଳା କ୍ରିକେଟ୍ ଚୟନ କମିଟିରେ ଅମିତା ଶର୍ମାଙ୍କୁ ନୂଆ। ଚେୟାର ପର୍ସନ ଭାବେ ସାମିଲ୍ କରିଯାଇଛି।ସେହିପରି ମହିଳା ସୁଲକ୍ଷଣା ନାୟକ, ଶ୍ରୀବନତି ନାୟଡୁ, ଶ୍ୟାମା ଡେ ଏବଂ ଜୟା ଶର୍ମାଙ୍କୁ ବିସିସିଆ।ଇ ମହିଳା ଚୟନ କମିଟିରେ ସାମିଲ୍ କରାଯାଇଛି।ସେହିଭଳି ଜୁନିୟର ସିଲେକ୍ସନ ପ୍ୟାନେଲରେ ଏସ ଶରଥଙ୍କୁ ଚୟନକର୍ତ୍ତା ଭାବେ ନିଯୁକ୍ତି ମିଳିଛି।





ଶିବ ସୁନ୍ଦର ଦାସଙ୍କ ପରେ ପ୍ରଜ୍ଞାନ ଓଝା ଦ୍ୱିତୀୟ ବ୍ୟକ୍ତି ଯିଏ ବିସିସିଆ।ଇ ଚୟନ କମିଟିରେ ସ୍ଥାନ ପାଇଛନ୍ତି। ପ୍ରଥମେ ପୂର୍ବତନ କ୍ରିକେଟର ଶିବ ସୁନ୍ଦର ଦାସଙ୍କୁ ସିଲେକ୍ସନ କମିଟିରେ ସାମିଲ୍ କରାଯାଇଥିଲା।ଏବେ ଏହି ସୁଯୋଗ ପ୍ରଜ୍ଞାନଙ୍କୁ ମିଳିଛି। ପ୍ରଜ୍ଞାନ ଓଝା ଇଷ୍ଟର ନ୍ୟାସନାଲ କ୍ରିକେଟରୁ ୨୦୨୦ ଫେବ୍ରୁଆ।ରୀ ମାସରେ ଅବସର ଘୋଷଣା କରିଥିଲେ । ଏହି ଓଡ଼ିଆ। କ୍ରିକେଟର ୨୦୦୯ରେ ଏମସ ଧୋନିଙ୍କ ସମୟରେ ଟି-୨୦ରେ ଟିମ୍ ଇଣ୍ଡିଆରେ ଏଣ୍ଟ୍ରି ମାରିଥିଲେ । ସେ ଭାରତ ପାଇଁ ୬ ଟି-୨୦, ୧୮ ଦିନିକିଆ।, ୨୪ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ରେଡ୍ ବଲ୍ କ୍ରିକେଟରେ ୧୧୩ଟି ୱିକେଟ୍ ଅକ୍ତିଆ।ର କରିଛନ୍ତି । ସେହିପରି ଦିନିକିଆ।ରେ ୨୧ଟି ଏବଂ ଟି-୨୦ରେ ମାତ୍ର ୧୦ଟି ୱିକେଟ୍ ନେଇବାରେ ସକ୍ଷମ ହୋଇଛନ୍ତି। ଇଣ୍ଡିଆ ପ୍ରିମିୟର ଲିଗରେ ଚମତ୍କାର ବୋଲିଂ କରି ୯୨ଟି ମ୍ୟାଚରେ ୮୯ ୱିକେଟ୍ ହାସଲ କରିଛନ୍ତି ଶେଷ ଥର ପାଇଁ ଭେଟେରା ସଚିନ୍ ତେନ୍ଦୁଲକରଙ୍କ ବିଦାୟୀ ମ୍ୟାଚରେ ଇଷ୍ଟର ନ୍ୟାସନାଲ ଖେଳିଥିଲେ।

## ଓଡ଼ିଶା ଦଳର ନେତୃତ୍ୱ ନେବେ ସୁଶ୍ରୀ

କଟକ, ୨୮।୯।୦୯: ବିସିସିଆ।ଇ ସିନିୟର ମହିଳା ଟି-ଟ୍ୱେଣ୍ଟି ପାଇଁ ଓଡ଼ିଶା ୧୬ ଜଣିଆ। ଦଳ ଘୋଷଣା ହୋଇଛି । ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କୁ ଦଳର ଅଧିନାୟିକା ଏବଂ ସଙ୍ଗୀତା ଖାଡ଼ିଆଙ୍କୁ ଉପ ଅଧିନାୟିକା ନିଯୁକ୍ତ କରାଯାଇଛି। ଓଡ଼ିଶା ମହିଳା ଦଳ ଚୟନ କମିଟିର ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଓ କୋଚ ସୁମନ ଶର୍ମା ଅରୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଦଳ ଘୋଷଣା କରିଥିଲେ। ଅକ୍ଟୋବର ୮ରୁ ଓଡ଼ିଶା ହାଇଦ୍ରାବାଦ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଦଳ ଗ୍ୱାଲିୟରରେ ସମସ୍ତ ମ୍ୟାଚ୍ ମ୍ୟାଚ୍ ଖେଳିବ। ସେହିପରି ଅକ୍ଟୋବର ୯ରେ ହିମାଚଳ ପ୍ରଦେଶ, ୧୧ରେ ଛତିଶଗଡ଼, ୧୩ରେ ଆ।ନ୍ଧ୍ର ପ୍ରଦେଶ, ୧୫ରେ କର୍ଣ୍ଣାଟକ, ୧୭ରେ ତ୍ରିପୁରା ଏବଂ ୧୯ରେ ହରିଆନାକୁ ଭେଟିବ। ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ (ଅଧିନାୟିକା), ବିଜୟ ଲକ୍ଷ୍ମୀ ବେହେରା, ଡି. ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ବାରିକ, ମାଧୁରୀ ମେହେଟା, ମୋନାଲିଶା ରାଉତ (ୱିକେଟ୍ କିପର), ନିବେଦିତା ଜନ ନାଏକ, ପ୍ରଜ୍ଞା ପାରମିତା ମହାନ୍ତି (କେଟ୍ କିପର), ରାମେଶ୍ୱରୀ ନାଏକ, ରାଣୀ ଗୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡ଼ିଆ (ଉପ ଅଧିନାୟିକା), ସରିତା ମେହେରା, ଶୁଭ ନିରଞ୍ଜିନୀ ସ୍ୱାଇଁ ଓ ତନ୍ମୟୀ ବେହେରା ।

# ବିସିସିଆଇର ନୂଆ ଅଧ୍ୟକ୍ଷ ହେଲେ ମିଥୁନ ମନହାସ

## ରୋଜର ବିନ୍ନିଙ୍କୁ କଲେ ରିପ୍ଲେସ୍

ନୂଆଦିଲ୍ଲୀ, ୨୮।୦୯: କିଏ ହେବ ବିସିସିଆ।ଇ ପରବର୍ତ୍ତୀ ଅଧ୍ୟକ୍ଷ ? ରୋଜର ବିନ୍ନିଙ୍କ ସ୍ଥାନରେ କିଏ ସମ୍ଭାଳିବେ ମଙ୍ଗ ? ସବୁ ପ୍ରଶ୍ନର ଉତ୍ତର ମିଳିଛି। ବିସିସିଆଇକୁ ମିଳିଛନ୍ତି ନୂଆବସ୍ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ଅଧ୍ୟକ୍ଷ ହୋଇଛନ୍ତି ମିଥୁନ ମନହାସ। ଦିଲ୍ଲୀ ରଣଜୀ ଟ୍ରଫି ଟିମ୍‌ର ପୂର୍ବ ଅଧିନାୟକ ମିଥୁନ ବିସିସିଆ।ଇ ଅଧ୍ୟକ୍ଷ ହୋଇଛନ୍ତି ଜମ୍ମୁ-କାଶ୍ମୀରରେ ଜନ୍ମିତ ଏହି କ୍ରିକେଟର ବିସିସିଆ।ଇର ନୂଆ। ସଭାପତି ହେବା ପାଇଁ ଦୌଡ଼ ଆ।ଗରେ ରହିଥିଲେ ଆ।ଜି ବିଧିବଦ୍ଧ ଭାବେ ବିସିସିଆଇ ଅଧ୍ୟକ୍ଷ ଭାବେ ମାନହାସଙ୍କ ନାମ ଘୋଷଣା ହୋଇଛି । ବିସିସିଆ।ଇ ବାର୍ଷିକ ସାଧାରଣ ବୈଠକରେ ମାନହାସଙ୍କ ନାମ ଘୋଷଣା ହୋଇଛି। ରୋଜର ବିନ୍ନିଙ୍କ ସ୍ଥାନ ନେଇଛନ୍ତି ମାନହାସ। ଏବେ ମାନହାସଙ୍କ ହାତରେ ରହିବ ବିସିସିଆଇ କମାଣ। ସେହିପରି ଦେବଜିତ୍ ସାଇକିଆ ସଚିବ ଭାବରେ କାର୍ଯ୍ୟ ଜାରି ରଖିଛନ୍ତି ପ୍ରବତେଜ ଭାଟିଆଙ୍କୁ ଯୁଗ୍ମ ସଚିବ କରାଯାଇଛି।

୪୫ ବର୍ଷୀୟ ମିଥୁନ ରୋଜର ବିନ୍ନିଙ୍କ ଜାଗା ନେଇଛନ୍ତି। କୌଣସି ଅନକ୍ୟାପ୍‌ଡ ଖେଳାଳି ଭାବେ ବିସିସିଆ।ଇର ନେତୃ ନେଇଛନ୍ତି। ଅର୍ଥାତ୍ ମିଥୁନ ମନହାସ ପ୍ରଥମ କ୍ରିକେଟର ହୋଇଛନ୍ତି। ଯିଏ ଅନ୍ତର୍ଜାତୀୟ କ୍ରିକେଟ୍ ନ ଖେଳିବା ସତ୍ତ୍ୱେ ବିସିସିଆ।ଇର ମୁଖ୍ୟ ହୋଇଛନ୍ତି। ସେ ୧୫୭ ପ୍ରଥମ ଶ୍ରେଣୀ ମ୍ୟାଚରେ ୯,୭୧୪ ରନ୍ କରିଛନ୍ତି। ସେଥିରେ ୨୭ ଶତକ ରହିଛି। ୧୩୦ ଲିଷ୍ଟ ଏ ମ୍ୟାଚ୍ ଏବଂ ୯୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମିଥୁନ ମନହାସ ଘରୋଇ କ୍ରିକେଟରେ ପ୍ରାୟ ୧୫,୦୦୦ ରନ୍ କରିଛନ୍ତି।ମିଥୁନ ମନହାସ ବର୍ତ୍ତମାନ ଜମ୍ମୁ-କାଶ୍ମୀର କ୍ରିକେଟ ଆସୋସିଏସନରେ ପ୍ରଶାସକ କାର୍ଯ୍ୟ କରୁଛନ୍ତି। ସେପ୍ଟେମ୍ବର ୩୦ରେ କାର୍ଯ୍ୟକାଳ ସରିବ । ଏହା ପୂର୍ବରୁ ସେ ଦୁଲୀପ ଟ୍ରଫିରେ ଉତ୍ତର ଜୋନ୍ ପାଇଁ ସଂଯୋଜକ ଥିଲେ। ଆଇପିଏଲ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟନ୍ସର ସର୍ପୋର୍ଟ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଛନ୍ତି ଆ।ଇପିଏଲରେ, ମିଥୁନ ଦିଲ୍ଲୀ ଡେୟାରଡେଭିଲ୍ସ, ପୁନେ ୱାରିୟର୍ସ ଇଣ୍ଡିଆ। ଏବଂ ସିଏସକେ ପାଇଁ ଖେଳିଛନ୍ତି।



### ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ

## ଯୁଗଳ ସାମଲ ଦଳର ପ୍ରବନ୍ଧକ ନିଯୁକ୍ତ



କଟକ/ହରଭଙ୍ଗା, ୨୮।୯ : ଆ।ସନ୍ତା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ପାଇଁ ଯୁଗଳ କିଶୋର ସାମଲ ଭାରତୀୟ ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ପ୍ରଥମ ଟେଷ୍ଟ ଆ।ସନ୍ତା ଅକ୍ଟୋବର ୨ରୁ ୬ତାରିଖ ମଧ୍ୟରେ ଅହମ୍ମଦାବାଦ୍‌ରେ ଏବଂ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୩ରୁ ୧୭ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଖେଳାଯିବ।ଏଥିରେ ମ୍ୟାନେଜର ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ଶ୍ରୀ ସାମଲ। ପୂର୍ବରୁ ସେ ଓଡ଼ିଶା ରଣଜୀ ଦଳର ମ୍ୟାନେଜର ରହିବା ସହ ଦିନିକିଆ। ଅନ୍ତର୍ଜାତୀୟ ମ୍ୟାଚରେ ବିସିସିଆ।ଇ ପର୍ଯ୍ୟବେକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶ୍ରୀ ସାମଲଙ୍କ ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି ।



# ସ୍ୱର୍ଣ୍ଣ ଜିଣିଲେ ଶୀତଲଦେବୀ

ନୂଆଦିଲ୍ଲୀ, ୨୮।୯: ଇତିହାସ ରଚିଛନ୍ତି ୧୮ ବର୍ଷୀୟା ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ। ଦୁଇଟି ଯାକ ହାତ ନଥିବା ଏହି ଭାରତୀୟ ତୀରନ୍ଦାଜ ପାରା ୱାର୍ଲ୍ଡ ତୀରନ୍ଦାଜ ଚାମ୍ପିଅନସିପରେ ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶୀତଲ ବିଶ୍ୱର ୧ ନମ୍ବର ଖେଳାଳି ତୁର୍କୀର ଓଜନୁର କ୍ୟୁର ଗିରଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି।ଶୀତଲ ଦେବୀ ପ୍ରତିଯୋଗିତାରେ ଏକମାତ୍ର ଖେଳାଳି ଥିଲେ ଯିଏ ତାଙ୍କ ଗୋଡ଼ ସାହାଯ୍ୟରେ ତୀର ମାରିଥିଲେ। ଚାମ୍ପିଅନସିପରେ ଏହା ତାଙ୍କର ତୃତୀୟ ପଦକ।ଶୀତଲ ପୂର୍ବରୁ ଟୋମାନ କୁମାରଙ୍କ ସହ ମିଶି କମ୍ପାଉଣ୍ଡ ମିଶ୍ରିତ ଦଳ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ। ଭାରତୀୟ ଯୋଡ଼ି ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରୀନହାମ ଏବଂ ନାଥନ ମ୍ୟାକକୁଇନଙ୍କୁ ୧୫୨-୧୪୯ରେ ପରାସ୍ତ କରିଥିଲେ ମହିଳା କମ୍ପାଉଣ୍ଡ ଓପନ୍ ଦଳ ଇଭେଣ୍ଟରେ, ଶୀତଲ ଏବଂ ସରିତା ଫାଇନାଲରେ ତୁର୍କୀଠାରୁ ପରାସ୍ତ ହୋଇଥିଲେ ଏବଂ ସେମାନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା ।ବ୍ୟକ୍ତିଗତ ଫାଇନାଲ ଏକ ରୋମାଞ୍ଚକର ପ୍ରତିଯୋଗିତା ଥିଲା। ପ୍ରଥମ ରାଉଣ୍ଡ ୨୯-୨୯ରେ ବରାବର ଥିଲା। କିନ୍ତୁ ଶୀତଲ ଦ୍ୱିତୀୟ ରାଉଣ୍ଡରେ ଲଗାତାର ତିନୋଟି ୧୦ ପଏଣ୍ଟ ହାସଲ କରି ଅଗ୍ରଣୀ ହୋଇଥିଲେ ଏବଂ ୩୦-୨୭ରେ ଜିତିଥିଲେ।ତୃତୀୟ ରାଉଣ୍ଡ ୨୯-୨୯ ପଏଣ୍ଟରେ ଟାଇ ହୋଇଥିଲା। ଚତୁର୍ଥ ରାଉଣ୍ଡରେ ଶୀତଲ ୨୮ ପଏଣ୍ଟ ସ୍କୋର କରିଥିଲେ । ଶୀତଲ ଏପର୍ଯ୍ୟନ୍ତ ଦୁଇ ପଏଣ୍ଟ ଲିଡ୍ ସହ ୧୧୬-୧୧୪ ବଜାୟ ରଖିଥିଲେ। ଶୀତଲ ଶେଷ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଲଗାତାର ତିନୋଟି ୧୦ ପଏଣ୍ଟ ହାସଲ କରି ୩୦ ପଏଣ୍ଟ ସ୍କୋର କରିଥିଲେ ଏବଂ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥି।ଲ ଏହା ତାଙ୍କର ପ୍ରଥମ ବ୍ୟକ୍ତିଗତ ବିଶ୍ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ। ସେମିଫାଇନାଲ୍‌ରେ, ଜମ୍ମୁକାଶ୍ମୀର ଖେଳାଳି ଶୀତଲ ବ୍ରିଟେନର ଜୋଡି ଗ୍ରୀନହାମଙ୍କୁ ୧୪୫-୧୪୦ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲେ। ଏହି ଫାଇନାଲ୍ ୨୦୨୩ ପିଲସେନ୍ ବିଶ୍ ଚାମ୍ପିଅନସିପ୍‌ର ରି-ମ୍ୟାଚ୍ ଥିଲା। ଯେଉଁଠାରେ ଗିଁଦି ଶୀତଲଙ୍କୁ ୧୪୦-୧୩୮ରେ ପରାସ୍ତ କରିଥିଲେ। ଏଥର, ଶୀତଲ ପ୍ରତିଶୋଧ ନେଇଛନ୍ତ । ସୂଚନାଯୋଗ୍ୟ, ଜମ୍ମୁକାଶ୍ମୀରର କିଶତାର ଜିଲ୍ଲାର ଛୋଟିଆ ଗାଁ ଲୋଇ ଧରରେ ଜନ୍ମ ଗ୍ରହଣ କରିଥିବା ଶୀତଲ ପିଲାଟି ବେଳରୁ ହିଁ ନିଜର ଦୁଇ ହାତ ହରାଇଥିଲେ। ଶୀତଲଙ୍କ କ୍ରୀଡ଼ା ଯାତ୍ରା ୨୦୧୯ ଆ।ରମ୍ଭ ହୋଇଥିଲା। କିଶତାରରେ ଆ।ୟୋଜିତ ଯୁବ କ୍ରୀଡ଼ା ଇଭେଣ୍ଟରେ ଭାରତୀୟ ସେନାର ନଜର ଶୀତଲଙ୍କ ଉପରେ ପଡ଼ିଥିଲା। ପ୍ରଥମେ ତାଙ୍କ ଶରୀରରେ କୃତ୍ରିମ ହାତ ଲଗାଇବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଏଥିରୁ କିଛି ବି ଲାଭ ମିଳି ନଥିଲା। ଏହାପରେ ତାଙ୍କୁ ତୀରନ୍ଦାଜ ଶିକ୍ଷା ଦିଅ।ଯାଇଥିଲା ପ୍ରାଥମିକ ଅବସ୍ଥାରେ ସେ ଗୋଡ଼ରେ ଲକ୍ଷ୍ୟ ଭେଦ କରିବାରେ ବହୁତ ସମସ୍ୟା ଭୋଗିଥିଲେ। ତେବେ ବାରମ୍ବାର ଅଭ୍ୟାସ ପରେ ସେ ଗୋଡ଼ରେ ଧନୁ ଉଠାଇବାକୁ।

# ଟିଭି ଶୋରେ ଅଭିଷେକ ଶର୍ମାଙ୍କ ପରିବର୍ତ୍ତେ ବଚ୍ଚନ କହିଦେଲେ ଅଖତାର

ଦୁବାଇ, ୨୮।୦୯: ଏସିଅ। କପ୍‌ରେ ଆ।ସନ୍ତା ୨୮ ତାରିଖରେ ଭାରତ ଓ ପାକିସ୍ତାନ ଫାଇନାଲ ଖେଳିବେ ଏକ ଟେଲିଭିଜନ କାର୍ଯ୍ୟକ୍ରମ ଗେମ୍ ଅନ୍ ହାଇରେ ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତାର ଫାଇନାଲକୁ ବିଶ୍ଳେଷଣ କରୁଥିଲେ ସେ କହିଥିଲେ, ଯଦି ପାକିସ୍ତାନ ଓପନର ଅଭିଷେକ ବଚ୍ଚନଙ୍କୁ ଶୀଘ୍ର ଆ।ଉଟ୍ କରୁଛି, ତେବେ ଭାରତର ମଧ୍ୟଭାଗରେ କଣ ହେବ ? କାରଣ ମଧ୍ୟଭାଗର ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। ପ୍ରକୃତରେ ଅଖତାର ଅଭିଷେକ ଶର୍ମା କହିବା କଥା କିନ୍ତୁ ତାଙ୍କ ପାଟିରୁ ଅଭିଷେକ ବଚ୍ଚନ ବାହାରି ଯାଇଥିଲା । ଏହି ଭିଡିଓ ସଙ୍ଗେ ସଙ୍ଗେ ସୋସିଆଲ ମିଡିଆ।ରେ ଭାଇରାଲ ହୋଇଯାଇଥିଲା। କିନ୍ତୁ କାର୍ଯ୍ୟକ୍ରମରେ ଥିବା ଅନ୍ୟ ସାଥି ବିଶେଷଜ୍ଞମାନେ ଏହାକୁ ସଂଶୋଧନ କରିନଥିଲେ। ଅଭିଷେକ ଶର୍ମା ଏବେ ଭଲ ଫର୍ମରେ ରହିଛନ୍ତି। କ୍ରମାନ୍ୱୟରେ ସେ ଭଲ ପ୍ରଦର୍ଶନ କରି ଚାଲିଛନ୍ତି। ଯାହା ପାକିସ୍ତାନ ପାଇଁ ଚିନ୍ତାର କାରଣ ପାଲଟିଛି। ପାକିସ୍ତାନ ଗ୍ରୁପ୍ ଓ ସୁପର-୪ ରାଉଣ୍ଡରେ ଭାରତଠୁ ପରାସ୍ତ ହୋଇଛି । କିନ୍ତୁ ଫାଇନାଲରେ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛି।

## ପାକ୍ ସହ ଫଟୋସୁଟ୍ ପାଇଁ ମନା କଲେ ସୂର୍ଯ୍ୟକୁମାର

ଦୁବାଇ, ୨୮।୦୯ :ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଏସିଅ। କପ୍ ଫାଇନାଲ୍ ମୁକାବିଲା ଖେଳାଯିବ ଏହି ମହାଲଢ଼େଇ ପୂର୍ବରୁ ଆ।ଉ ଏକ ବିବାଦ ସୃଷ୍ଟି ହୋଇଛି ଫାଇନାଲ୍ ପୂର୍ବରୁ ଉଭୟ ଦଳର ଅଧିନାୟକଙ୍କୁ ନେଇ ଆ।ଜି ଫଟୋସୁଟ୍ ହେବାର କାର୍ଯ୍ୟକ୍ରମ ରହିଥିଲା ମାତ୍ର ଟିମ୍ ଇଣ୍ଡିଅ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକ୍ ଅଧିନାୟକ ସଲ୍‌ମାନ ଅଲି ଆ।ଘାଙ୍କ ସହ ଫଟୋସୁଟ୍ କରିବାକୁ ମନା କରି ଦେଇଥିଲେ। ପୂର୍ବରୁ ସୂର୍ଯ୍ୟକୁମାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ବେଳେ ମଧ୍ୟ ଆ।ଘାଙ୍କ ସହ କରମର୍ଦ୍ଦନ କରିନଥିଲେ ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ।ଆଘା କହିଛନ୍ତି, ସେମାନେ (ଭାରତୀୟ ଦଳ) ଯାହା ଚାହିଁବେ ତାହା କରିପାରିବେ। ଆମେ ସମସ୍ତ ନିୟମ ପାଳନ କରୁଛୁ। ଫଟୋସୁଟ୍ ଆ।ସିବା ନିଷ୍ପତ୍ତି ସେମାନଙ୍କ ଉପରେ ନିର୍ଭର କରୁଛି ସେମାନେ ନ ଆସିଲେ ଆ।ମେ କିଛି କରିପାରିବୁନି ସେ ଆ।ହୁରି ମଧ୍ୟ କହିଥିଲେ, ଫାଇନାଲ୍ ଖେଳିବା ଏବଂ ଟ୍ରଫି ଜିତିବା ଉପରେ ଆ।ମେ ଧ୍ୟାନ ଦେଉଛୁ। ଭାରତକୁ ହରାଇବା ପାଇଁ ସ୍ୱତନ୍ତ୍ର ରଣନୀତି ସହ ପଡ଼ିଆ।କୁ ଓହ୍ଲାଇବୁ ପୂର୍ବଭଳି ଏହି ମ୍ୟାଚ୍‌ରେ ଆମ ଉପରେ ଅଧିକ ଚାପ ରହିବ। ଆମେ ପୂର୍ବ ତ୍ରୁଟି ସୁଧାରି ନେଇଛୁ ଭାରତକୁ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛୁ ବୋଲି ଆ।ଘା ପ୍ରକାଶ କରିଛନ୍ତି।

# ଲିସା ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍ ନିଯୁକ୍ତ

ମୁମ୍ବାଇ, ୨୮।୦୯: ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଦଳ ମୁମ୍ବାଇ ଇଣ୍ଡିଆନ୍ସ ଅଷ୍ଟ୍ରେଲିଆ ମହିଳା ଦଳର ପୂର୍ବତନ ବ୍ୟାଟର ଲିସା କେଟଲୀଙ୍କୁ ନୂଆ ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ଦଳର ମାଲିକାଣୀ ନୀତା ଅମ୍ବାନୀ ନିଜେ ସୋସିଆଲ୍ ମିଡିଆ। ପୃଷ୍ଠାରେ ଏ ବିଷୟରେ ସୂଚନା ଦେବା ସହ ଲିସାଙ୍କୁ ସ୍ୱାଗତ ଜଣାଇଛନ୍ତି। ଲିସା ୧୯୯୫ରୁ ୨୦୦୫ ମଧ୍ୟରେ ୯ଟି ଟେଷ୍ଟ, ୮୨ଟି ଦିନିକିଆ। ଏବଂ ଗୋଟିଏ ଟି-ଟ୍ୱେଣ୍ଟି ଖେଳିଥିଲେ। ଅବସର ପରେ ସେ କୋଚିଂରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ଇଂଲଣ୍ଡ ଓ ଅଷ୍ଟ୍ରେଲିଅ। ମହିଳା ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇ ଥିବାବେଳେ ମହିଳା ବିଗ୍ ବାସ୍ ଲିଗ୍, ଦ ହଣ୍ଡ୍ରେଡ୍‌ରେ ମଧ୍ୟ ବିଭିନ୍ନ ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି । ଚଳିତ ବର୍ଷ ତାଙ୍କ ଅଧିନରେ ନଦର୍ଣ୍ଣ ସୁପରଚାର୍ଜର୍ସ ଦ ହଣ୍ଡ୍ରେଡ୍ ଚାମ୍ପିଅନ୍ ହେବାର ଗୌରବ ଲାଭ କରିଥିଲା ।



ନୀତା କହିଛନ୍ତି ଯେ, ମୁମ୍ବାଇ ଇଣ୍ଡିଆ।ନ୍ସ ପରିବାରରେ ଲିସାଙ୍କୁ ସ୍ୱାଗତ ଜଣାଇ ଆମେ ବହୁତ ଖୁସି। ତାଙ୍କର କ୍ରୀଡ଼ା ପ୍ରତି ଆଗ୍ରହ, ଖେଳୁଆଡ଼ ମନୋଭାବ ଏବଂ ଦକ୍ଷତା ଯୁବ ପିଢ଼ିଙ୍କ ପାଇଁ ପ୍ରେରଣା ସଦୃଶ ରହିଛି। ତାଙ୍କ ଉପସ୍ଥିତି ମୁମ୍ବାଇ ଇଣ୍ଡିଆ।ନ୍ସରେ ନୂଆ ଅଧ୍ୟାୟ ଯୋଡ଼ିଛି। ସେ ଦଳକୁ ସଫଳତାର ଶିଖରରେ ପହଞ୍ଚାଇବେ ମୋର ବିଶ୍ୱାସ। ସୂଚନାଯୋଗ୍ୟ, ଡବ୍ଲ୍ୟୁପିଏଲ୍‌ରେ ସବୁଠୁ ସଫଳ ଦଳ ହେଉଛି ମୁମ୍ବାଇ ଇଣ୍ଡିଆ।ନ୍ସ। ପ୍ରଥମ ୩ଟି ସଂସ୍କରଣ ମଧ୍ୟରୁ ମୁମ୍ବାଇ ୨ଥର ଚାମ୍ପିଅନ୍ ହୋଇସାରିଛି ଗତ ସଂସ୍କରଣରେ ଦଳ ଫାଇନାଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ରନ୍‌ରେ ହରାଇ ଚାମ୍ପିଅନ ହୋଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ